## ସଂକ୍ଷେପରେ

### ଚଣ୍ଡିଖୋଲ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଚଣ୍ଡିଖୋଲ,୮।୩(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୩ ବ୍ୟାଙ୍କ ଋଣ ସମ୍ବନ୍ଧୀୟ ମାମଲାର ବିଚାର କରାଯାଇ ୩ ଲକ୍ଷ ୪୭ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି। ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲା ଓ ଦୌରା ଜଜ ଗୋପବନ୍ଧୁ ଗଡ଼ନାୟକ, ସବ୍‌ଜଜ ବିଶ୍ୱଦୀପକ ସାହୁ ଓ ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଆଖଣ୍ଡଳମଣିଙ୍କ ପ୍ରତିଷ୍ଠା ଉତ୍ସବ

ଚଢ଼େଇଧରା,୮।୩(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ରଘୁନାଥପୁରସ୍ଥିତ ପ୍ରଭୁ ଆଖଣ୍ଡଳମଣିଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଆରମ୍ଭ ହୋଇଛି। ପ୍ରଥମେ ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଉତ୍ସବ ୩ ଦିନ ଧରି ଚାଲିବ। ଉତ୍ସବ ପାଇଁ ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

କାଏମା,୮।୩(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଥାନା ବଡ଼କାଏମା ପଞ୍ଚାୟତ ଡେରାବର ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଗ୍ରାମର ରଜନୀକାନ୍ତ ସାହୁଙ୍କ ପୁଅ ସୁଶାନ୍ତ ସାହୁ(୩୩)। ପାରିବାରିକ କଳହ ଓ ମାନସିକ ଦୁଶ୍ଚିନ୍ତା ଯୋଗୁ ସେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସୁଶାନ୍ତ ଏକ ଟେଣ୍ଟ୍ ହାଉସ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଅର୍ଥାଭାବ ଯୋଗୁ ସେ ବହୁ ହାତ ଉଧାରି କରି ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ୧ଟାରେ ଘର ଫ୍ୟାନ ହୁକରେ ରଶି ଲଗାଇ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୧୧।୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି। ସୁଶାନ୍ତଙ୍କ ଅଢ଼େଇ ବର୍ଷ ହେବ ବିବାହ ହୋଇଥିଲା। ତାଙ୍କର ୭ ମାସର ଏକ ଶିଶୁପୁତ୍ର ଥିବା ଜଣାପଡ଼ିଛି।

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

- ୪ ବିଭଗରେ ଜଣେ ବିଶେଷଜ୍ଞ ଡାକ୍ତର
- ଏକ୍ସ-ରେ, ଅଲ୍‌ଟ୍ରାସାଉଣ୍ଡ ଓ ଇସିଜି ସୁବିଧା ନାହିଁ
- ଘରୋଇ ହସ୍ପିଟାଲ ମୁହାଁ ହେଉଛନ୍ତି ରୋଗୀ

କାଏମା,୮।୩(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ଦୀର୍ଘ ବର୍ଷ ହେବ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି। ସେହିପରି ଅଲ୍‌ଟ୍ରାସାଉଣ୍ଡ, ଇସିଜି, ଏକ୍ସରେ ଭଳି ଅତି ଆବଶ୍ୟକ ସେବା ମିଳୁନାହିଁ। ଫଳରେ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଭରସା ନ କରି ଘରୋଇ ହସ୍ପିଟାଲ ଯିବାକୁ ସୁରକ୍ଷିତ ମଣୁଛନ୍ତି।

ବିପୁଳ ଟଙ୍କା ବ୍ୟୟରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ ନିର୍ମାଣ କରାଯାଇଛି। କିନ୍ତୁ ରୋଗୀ ଉତ୍ତମ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଠାରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ହେଉନାହିଁ। ପ୍ରସୂତି, ଶିଶୁ, ସର୍ଜରୀ ଓ ମେଡିସିନ ବିଶେଷଜ୍ଞ ଡାକ୍ତର ମୋଟ ୪ ଜଣ ରହିବା କଥା। କିନ୍ତୁ ଏଠାରେ କେବଳ ପ୍ରସୂତି ବିଶେଷଜ୍ଞ କାର୍ଯ୍ୟ କରୁଛନ୍ତି। ସେ ୮ ଘଣ୍ଟା ଡ୍ୟୁଟି ସାରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ପ୍ରସୂତି ପହଞ୍ଚିଲେ ତାଙ୍କର ଚିକିତ୍ସା ହୋଇପାରୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ଶହଶହ ସଂଖ୍ୟାରେ ରୋଗୀ ନିର୍ଭର କରୁଛନ୍ତି। ସେହିପରି ଏହା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବାରୁ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏଠାକୁ ଅଣାଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ୨୪ ଘଣ୍ଟିଆ ସେବା ଯୋଗାଉଛି। ଏଠାରେ ୩ ପର୍ଯ୍ୟାୟରେ ବିଶେଷଜ୍ଞ ଡାକ୍ତର ଡ୍ୟୁଟି କରିବା କଥା। କିନ୍ତୁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବଥିବାରୁ ଅଧିକାଂଶ ଗର୍ଭବତୀ ଓ ଅନ୍ୟରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ଼ ମେଡ଼ିକାଲକୁ ପଠାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି।


ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କୋତପୁର, ଅରାବଳ, ହରିଦାସପୁର, ଗଙ୍ଗାଧରପୁର, ଗଡ଼ମଧୁପୁର, ରାମଚନ୍ଦ୍ରପୁର, ବାଲିସାହି, ଆରୁହା, ଜେନାପୁର, କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ହେଲେ କୌଣସି ଗୋଟିଏ ସ୍ଥାନରେ ପ୍ରସୂତିଙ୍କ ପାଇଁ ସୁବିଧା ନାହିଁ। ଏମ୍‌ବିବିଏସ୍ ଡାକ୍ତରଙ୍କ ଦାୟିତ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ରହିଛି। ଏହା ମଧ୍ୟରେ ବି ଦୁଇଟିରେ କୌଣସି ଡାକ୍ତର ନଥିବା ସୂଚନା ମିଳିଛି।

ସରକାର ବିପୁଳ ଟଙ୍କା ଖର୍ଚ୍ଚ କରୁଥିଲେ ବି ହସ୍ପିଟାଲଗୁଡ଼ିକରେ ଉନ୍ନତମାନର ଉପକରଣ ନାହିଁ। ଧର୍ମଶାଳା ଅଞ୍ଚଳରେ ଘରୋଇ ହସ୍ପିଟାଲ ଗୁଡ଼ିକ ସଂଖ୍ୟା ବଢ଼ିବା ସହ ସେଠାରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଘରୋଇ ହସ୍ପିଟାଲରେ ଉନ୍ନତମାନର ଉପକରଣ ଓ ବିଶେଷଜ୍ଞ ଡାକ୍ତର ଅଭାବଥିଲେ ବି ସେଠାକୁ ରୋଗୀ ଯାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୋଇ ହସ୍ପିଟାଲରେ ନବଜାତ ଶିଶୁ ଜନ୍ମ ହେଉଛନ୍ତି। ମାତ୍ର ଚିକିତ୍ସା ଅବହେଳାରୁ ଅନେକ ନବଜାତ ଶିଶୁଙ୍କ ମୃତ୍ୟୁ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ସେଥିମଧ୍ୟରୁ କିଛି ଘଟଣା ଥାନାକୁ ଯାଉଛି। ଅନେକ ଘଟଣା ହସ୍ପିଟାଲ କର୍ତ୍ତୃପକ୍ଷ ଓ ରୋଗୀ ପରିବାରଙ୍କ ମଧ୍ୟରେ ଆପୋସ ବୁଝାମଣା ଭିତରେ ସମାଧାନ ହେଉଛି। ସରକାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍‌ରେ ସେବା ଯୋଗାଇ ଦେବାରେ ବିଫଳ ହେବାରୁ ଲୋକେ ଘରୋଇ ହସ୍ପିଟାଲକୁ ଯାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ସରକାରୀ ସୁବିଧା ପାଇବା ପାଇଁ ଇଚ୍ଛା କରୁଥିଲେ ମଧ୍ୟ ସରକାରୀ ହସ୍ପିଟାଲକୁ ଭରଷା କରି ପାରୁନାହାନ୍ତି। ସେହିପରି ଏଠାରେ ନିରାମୟ ଯୋଜନା ନାମକୁ ମାତ୍ର ରହିଛି। ବ୍ୟାନର, ପୋଷ୍ଟର ଓ ଘରର ବ୍ୟବସ୍ଥା ଅଛି। ହେଲେ ଡାକ୍ତର ଲେଖୁଥିବା ଔଷଧ ନିରାମୟରେ ମିଳୁନାହିଁ। ତେଣୁ ଏସବୁ ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର କୁମାର ସାହୁଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ଛତିଆ,୮।୩(ସୌମ୍ୟ ରଞ୍ଜନ ସାହୁ):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଗୋପପୁରଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବଡ଼ଘୁମୁରି ପଞ୍ଚାୟତ ଜିରାପୁର ଗ୍ରାମର ବିଷ୍ଣୁ ପ୍ରଧାନଙ୍କ ସ୍ତ୍ରୀ ପ୍ରତିଭା ପ୍ରଧାନ(୨୮)। ଗତ ୬ତାରିଖରୁ ସେ ଏଠାରେ ଭର୍ତ୍ତି ହୋଇଥିଲେ। ତାଙ୍କର ପରିସ୍ରା ନଳୀରେ କୌଣସି କାରଣରୁ ଇନ୍‌ଫେକ୍ସନ ହୋଇଥିଲା। ଚିକିତ୍ସାବେଳେ ଉନ୍ନତି ଦେଖା ଦେଇଥିଲା। ଶନିବାର ସକାଳୁ ରୋଗୀ ସୁସ୍ଥ ଅନୁଭବ କରି ଖାଇବା ପରେ ନର୍ସ ଇଞ୍ଜେକ୍ସନ ଦେଇଥିଲେ। ଏହାର କିଛି ସମୟ ପରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ଡାକ୍ତର ମାନସ ଧଳ ପହଞ୍ଚି ତାଙ୍କର ଚିକିତ୍ସା କରିଥିଲେ। ଏହି ସମୟରେ ମହିଳାକର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ଚିକିତ୍ସାରେ ଅବହେଳା ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିବା ବୈରୀ ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଶାଶୁଘର ଲୋକେ ବୈରୀ ଥାନାରେ ଏହି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଡାକ୍ତର ଧଳ କହିଛନ୍ତି, ହୃଦ୍‌ଘାତରେ ମହିଳାଙ୍କ ମୃତ୍ୟୁ ହୋଇଛି। ଥାନା ଅଧିକାରୀ ଶରତ କୁମାର ନାୟକ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୩୨/୨୫ ରୁଜୁ ହୋଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ


ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦଶରଥପୁର,୮।୩ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଅଧୀନ ଅହିୟାସ ପଞ୍ଚପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ମନ୍ଦାକିନୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ସମ୍ମାନିତ ଅତିଥିଭାବେ ବିଦ୍ୟାମନ୍ଦିର ଚେୟାରମ୍ୟାନ ବାସନ୍ତୀ ସାମଲ ଓ ସାମାଜିକ କର୍ମୀ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ସୁସ୍ଥ ସମାଜ ଗଠନର ପ୍ରକୃଷ୍ଟ ମାର୍ଗ ବୋଲି କହିଥିଲେ। ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଓ ସମ୍ପାଦକ ସୁବ୍ରତ ସାମଲଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରାଯାଇଥିଲା। ଗୁରୁଜୀ ପୂର୍ଣ୍ଣଚନ୍ଦ୍ର ନାୟକ, ଶାନ୍ତନୁ ମଲ୍ଲିକ, ଗୁରୁମା ସ୍ମିତା ପଣ୍ଡା, ହରପ୍ରିୟା ତ୍ରିପାଠୀ, ଲିପାଞ୍ଜଳି ପତି, ଦୀପ୍ତିମୟୀ ମଲ୍ଲିକ, ତନଜିମା ଖାତୁନ ଓ ସୋନାଲିକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଖରସ୍ରୋତା ନଦୀବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

### ଖରସ୍ରୋତା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ

ସିଂହପୁର,୮।୩(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଛକଠାରୁ ବାଙ୍ଗରା ସେତୁ ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାରେ ଖାଲଖମା ସୃଷ୍ଟି ହେବା ଯୋଗୁ ଯାତାୟାତରେ ଲୋକେ ହୀନସ୍ତା ଭୋଗୁଛନ୍ତି। ରାସ୍ତାଦେଇ ବହୁ ଲୋକ କେନ୍ଦ୍ରାପଡା ଜିଲାକୁ ଯାତାୟାତ କରୁଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଶୋଚନୀୟ ଯୋଗୁ ଚାରି ଚକିଆ ଯାନ ଯିବା କଷ୍ଟକର ହୋଇପଡୁଛି। ତୁରନ୍ତ ରାସ୍ତା ମରାମତି କରି ଯାତାୟାତ ସମସ୍ୟା ଦୂର କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ଅରବିନ୍ଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ


ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଦଶରଥପୁର,୮।୩(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ଅଧୀନ ଖୋସାଲପୁରସ୍ଥିତ ସରକାରୀ ଅରବିନ୍ଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରାନୁସ୍ମିତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅର୍ଣ୍ଣଦାପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ନନ୍ଦକିଶୋର ବାରିକ, ସମ୍ମାନିତ ଅତିଥିଭାବେ ଗୋପାଳପୁର କ୍ଲଷ୍ଟର ସିଆରସିସି ଚିତ୍ତରଞ୍ଜନ ପରିଡ଼ା, ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକର ପ୍ରାକ୍ତନ ବିଇଓ ଅଯୋଧ୍ୟା ନାଥ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅର୍ଜୁନ ଚରଣ ଜେନା, ଦିବ୍ୟରଞ୍ଜନ ସିଂ, ଶିକ୍ଷୟିତ୍ରୀ ସୁନିତାରାଣୀ ମାଝୀ, କାଞ୍ଚନବାଳା ନାୟକ, ଲିପିକା ମହାପାତ୍ର ଓ ମହେନ୍ଦ୍ର ସାମାଡ଼ ପ୍ରମୁଖ ସହଯୋଗ କରିଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଧର୍ମଶାଳା,୮।୩(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତ ହରଦେଇପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରଘୁବର ପରମାଣିକ(୮୨)ଙ୍କ ଶନିବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାଧକ୍ୟଜନିତ କାରଣରୁ ଅସୁସ୍ଥ ହୋଇ ଘରୋଇ ଚିକିତ୍ସାରେ ଥିଲେ। ସେ ଜଣେ ଅମାୟିକ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ଶରତ ପରମାଣିକ ମୁଖାଗ୍ନି ଦେଇଛନ୍ତି।

# ୧୭ରେ ଐତିହାସିକ ଧର୍ମଶାଳା ମୁନ୍‌ସୀ ମେଲଣ

ଧର୍ମଶାଳା,୮।୩(ବଟକୃଷ୍ଣ ପରିଡ଼ା):

ଐତିହାସିକ ୧୪୯ତମ ଧର୍ମଶାଳା ମୁନ୍‌ସି ମେଲଣ ଆସନ୍ତା ୧୭ତାରିଖ ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇ ୧୮ତାରିଖ ସକାଳେ ଉଦ୍‌ଯାପିତ ହେବ। ଏହି ମେଲଣରେ ଶତାଧିକ ରାଧାକୃଷ୍ଣ ଠାକୁର ଫଗୁ ଖେଳିବେ। ଏଥିପାଇଁ ମେଲଣ କମିଟି ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅଶ୍ଳୀଳ ନୃତ୍ୟଗୀତକୁ ପ୍ରଶ୍ରୟ ନ ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଆସନ୍ତା ୧୧ ତାରିଖ ମଙ୍ଗଳବାର ରାତିରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଯୋଗଡ଼ାଠାରେ, ୧୪ତାରିଖ ଶୁକ୍ରବାର ଚୋରମୁହାଁ, ୧୫ତାରିଖ ଶନିବାର ରାତିରେ ସୁନ୍ଦରିଆ, ନେଉଳପୁର, ନାକପୋଲଠାରେ ମେଲଣ ଅନୁଷ୍ଠିତ ହେବ। ୧୬ତାରିଖ ରବିବାର ସନ୍ଧ୍ୟାରେ କାଏମା ଓ ମାଳହାଟ, ୧୯ତାରିଖ ବୁଧବାର ରାତିରେ ଜାରକା, ଆରୁହାଠାରେ, ୨୦ ତାରିଖ ଗୁରୁବାର ରାତିରେ ହରିଦାସପୁର, ୨୧ତାରିଖ ଶୁକ୍ରବାର ରାତିରେ ଚଅପୋଇ, ୨୪ ତାରିଖ ସୋମବାର ରାତିରେ ଭୁବନ, ୨୫ ତାରିଖ ମଙ୍ଗଳବାର ରାତିରେ ଦେଉଦାଠାରେ ମେଲଣ ଅନୁଷ୍ଠିତ ହେବ ବୋଲି ମେଲଣ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପାଣିକୋଇଲି,୮।୩(ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୁକ୍ତ ଦୁଇ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ ଯୋଗଦେଇ ବାଳିକାମାନଙ୍କ ଆତ୍ମସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଗୌରହରି ମହାପାତ୍ର, ସମ୍ମାନିତ ଅତିଥିଭାବେ ସଂଯୋଜକ ସୁଶ୍ରୀ ସଂଗୀତା ନନ୍ଦ, ଅଧ୍ୟାପକ ଶୁଭ୍ରକାନ୍ତ ପାତ୍ର ଯୋଗଦେଇଥିଲେ। ଅଧ୍ୟାପିକା ଶକ୍ତିମୟୀ ଜେନା, ରଶ୍ମିତା ଧଳ, ସାଗରିକା ରଥ, ସୁବାସିନୀ ପୃଷ୍ଟି, ଅଧ୍ୟାପକ ସତ୍ୟବ୍ରତ ଦାସ, ସନ୍ତୋଷ କୁମାର ଦାଶ, ସୀମା ତରାଇ, ଅଭିମନ୍ୟୁ ପଣ୍ଡା, ଅଲେଖ ପ୍ରସାଦ ସାହୁ, ରମେଶ ମହାକୁଡ଼, ବିପିନ ବିହାରୀ ଦାସ ଓ ଲୋକନାଥ ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପ୍ରଜ୍ଞାପରାମିତା ବିଶ୍ୱାଳ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଦେଇଥିଲେ।



ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନେ।

# ମା'ମାନଙ୍କ ମଧରେ ଆତ୍ମବିଶ୍ୱାସ ଭରିଛି 'ସୁଭଦ୍ରା'

ଯାଜପୁର ଟାଉନ,୮।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ସମ୍ମାନ ଓ ସମୃଦ୍ଧିର ନାଁ ସୁଭଦ୍ରା ଯୋଜନା। ଏହି ଯୋଜନା ମା' ମାନଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ଭରିଦେଇଛି। ଏହି ଯୋଜନାକୁ ଆହୁରି ତ୍ୱରାନ୍ୱିତ କରି ମା' ଓ ଭଉଣୀ ମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବ୍ରହ୍ମପୁରଠାରେ ୨ୟ କିସ୍ତି ସୁଭଦ୍ରା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଯାଜପୁର ଟାଉନ୍ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ମହିଳାମାନେ ଶିକ୍ଷା, ଚାକିରି, ବ୍ୟବସାୟ କିମ୍ବା ଘରକରଣା ସବୁ ଦିଗରେ ପୁରୁଷଙ୍କଠାରୁ ବହୁ ଆଗରେ। ମହିଳାମାନେ ଦୁର୍ବଳ, ଏକା କାର୍ଯ୍ୟ କରିବା ପାଇଁ ଅସମର୍ଥ, ମନରେ ଥିବା ଏଭଳି ଭ୍ରାନ୍ତ ଧାରଣାକୁ ଦୂର କରିବା ଦରକାର। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି, ବିକଶିତ ଭାରତର ଅର୍ଥ ହେଉଛି ଯୁବଶକ୍ତିର ବିକାଶ, କୃଷକ ଭାଇ ତଥା ଅନ୍ନଦାତାଙ୍କ ବିକାଶ ସର୍ବୋପରି ନାରୀଶକ୍ତି ତଥା ମାତୃଶକ୍ତିର ବିକାଶ। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ମହତ୍ୱ ଭୂମିକା ଗ୍ରହଣ କରିଛି। ଅନ୍ୟତମ ସମ୍ମାନିତ ଅତିଥି ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସ୍ୱାବଲମ୍ବୀ କରିବା ଯେଉଁ ଲକ୍ଷ୍ୟ ଥିଲା ତାହା ସୁଭଦ୍ରା ଯୋଜନା ମାଧ୍ୟମରେ ଆଉ ଦୁଇ ପାଦ ଆଗକୁ ଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଛନ୍ତି, ସୁଭଦ୍ରା ଯୋଜନା ମହିଳାମାନଙ୍କ ସଶକ୍ତୀକରଣ ପାଇଁ ଏକ ବହୁତ ବଡ଼ ସଂକଳ୍ପ। ମହିଳାମାନଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ଲେଖାଏ ଦିଆଯାଉଛି। ଏହାଦ୍ୱାରା ସେମାନେ ଛୋଟ ବ୍ୟବସାୟ କରି ସ୍ୱାବଲମ୍ବୀ ମଧ୍ୟ ହୋଇପାରିବେ।


ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନର ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ୨,୭୫,୯୦୫ ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରାର ୨ୟ କିସ୍ତି

## ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)



ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ଅନ୍ତର୍ଗତ ଆମ୍ବପୁଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି। ଏହି ଉତ୍ସବର ସିଧା ପ୍ରସାରଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶେଷକରି ଜିଲାର ୨,୭୫,୯୦୫ ଜଣ ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ ସମ୍ପର୍କରେ ଅବଗତ କରାଯିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆୟୋଜିତ ଉତ୍ସବରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନାର ବାସ୍ତବ ଲକ୍ଷ୍ୟ ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଏହି ଯୋଜନା ଏକ ବିପ୍ଳବରେ ପରିଣତ ହୋଇଛି। ଯୋଜନା ମାଧ୍ୟମରେ ବର୍ଷକୁ କେବଳ ୨ଥର ସହାୟତା ବାଣ୍ଟିବା ଉଦ୍ଦେଶ୍ୟ ନୁହେଁ, କିଶୋରୀମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ କିପରି ସଶକ୍ତ ଓ ସମୃଦ୍ଧ ହୋଇପାରିବେ ସେନେଇ ସରକାର ଚିନ୍ତା କରୁଛନ୍ତି। ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କୁ ଆତ୍ମନିର୍ଭର କରିବାର ଏହା ଏକ ଅଭିନବ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ମହିଳାମାନଙ୍କ ପାଇଁ ସୁଭଦ୍ରା ନୂଆ ଆଶା ଓ ଆଶ୍ୱାସନା ଆଣିଛି। ମାତ୍ର ୯ ମାସର ଭାଜପା ସରକାର ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାରେ ଅନେକ କିଛି ଉନ୍ନତି ହୋଇଛି। ସୁଭଦ୍ରା ଯୋଜନାରେ ମିଳୁଥିବା ଟଙ୍କାକୁ ସଦୁପଯୋଗ କରିପାରିଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଭାଗୀଦାରି ହେବା ସମ୍ଭବ। ଭାଜପା ସରକାର ଲୋକଙ୍କ ଆଶା ଓ ବିଶ୍ୱାସକୁ ବହୁଗୁଣିତ କରୁଥିବା ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ସମ୍ବିତ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜଗତ୍‌ସିଂହପୁର ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଅନେକ କଥା କହିଥିଲେ। ଏହି ଅବସରରେ କୁହାଯାଇଛି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକରୁ ୪୨,୪୬୧, ବିରିଡ଼ିରୁ ୧୯୬୮୦, ଏରସମାରୁ ୩୮,୪୭୬, ଜଗତ୍‌ସିଂହପୁର ବ୍ଲକରୁ ୩୫,୦୦୮, କୁଜଙ୍ଗରୁ ୪୪,୧୫୯, ନାଉଗାଁରୁ ୨୦,୦୯୧, ରଘୁନାଥପୁରରୁ ୨୦,୮୦୬, ତିର୍ତ୍ତୋଲରୁ ୪୦,୭୧୫, ଜଗତସିଂହପୁର ପୌର ପରିଷଦରୁ ୬୪୭୮ ଓ ପାରାଦୀପ ପୌର ପରିଷଦରୁ ୮୦୩୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ୨ୟ କିସ୍ତି ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ମହିଳା ଓ ଶିଶୁ ବିକାଶ ବିଭାଗରେ ଭଲ କାମ କରିଥିବା କେତେଜଣ କର୍ମଚାରୀ ଓ ପୌର ପରିଷଦର ସ୍ୱଚ୍ଛ ସାଥୀ, ପ୍ଲାଣ୍ଟ ମ୍ୟାନେଜର, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସବାରୀଙ୍କୁ ସମ୍ମାନିତ କରାଯାଇଥିଲା। ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲାର ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ ଓ ହେଲପରମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଓ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା ଧନ୍ୟବାଦ ଦେଇଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ।

# ନାରୀର ଅଧିକାର ସମ୍ପର୍କରେ ସଚେତନ ହୁଅ

ତିର୍ତ୍ତୋଲ/ପାରାଦୀପ/କୁଜଙ୍ଗ, ୮।୩ (ଗୌରାଙ୍ଗ ଚରଣ ସ୍ୱାଇଁ/ ଶରତ ରାଉତ/ମନୋଜ ପ୍ରଧାନ)

## ବିଭିନ୍ନ ବ୍ଲକରେ ଆନ୍ତର୍ଜାତିକ ମହିଳା ଦିବସ

ନାରୀକୁ ସମାଜରେ ଯେତିକି ସମ୍ମାନ ମିଳିବା କଥା ତାହା ମିଳୁନାହିଁ। ନାରୀ ଏବେବି ଅବହେଳିତ। ନାରୀର ଅଧିକାର ସମ୍ପର୍କରେ ଆମେ ସଚେତନ ହେଲେ ସମାଜ ଅଧିକ ଶକ୍ତ ହୋଇପାରିବ ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ବ୍ଲକ ନିକଟ ଆନନ୍ଦ ମଣ୍ଡପ ପରିସରରେ ଶନିବାର ସନ୍ଧ୍ୟାରେ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ବ୍ୟାସ ଫାଉଣ୍ଡେଶନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଅଧ୍ୟାପିକା ସୁଜାତା ମୁଣ୍ଡୁ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏଥିରେ ଗୀତାଞ୍ଜଳିନାଞ୍ଜନ ସମ୍ପାଦିକା ଡ. ବନ୍ଦିତା ଶୁଭଦର୍ଶିନୀ, ସ୍ମୃତିର ସମ୍ପାଦିକା କନକ ଲତା ସୁତାର, ଭାଜପା ମହିଳା ମୋର୍ଚ୍ଚା ଜିଲା କାର୍ଯ୍ୟକର୍ତ୍ତା କ୍ରିଷ୍ଣା ମହାନ୍ତି, ଝରାଶ୍ରୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ବ୍ୟାସ ଫାଉଣ୍ଡେଶନ ସଭାପତି ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏହି ଅବସରରେ ପ୍ରତିଷ୍ଠିତା ଓ ସ୍ୱାବଲମ୍ବୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

ପାରାଦୀପର ବନ୍ଦର ସାକ୍ଷରତା ସମିତି ପକ୍ଷରୁ ନୂଆବଜାର ପୋର୍ଟ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଟ୍ରାଫିକ ପରାମର୍ଶଦାତା ଏ.କେ ବୋଷ, ପୌରପାଳିକା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତି ସ୍ୱାଇଁ, ସୁଚିସ୍ମିତା ବୋଷ, ବରିଷ୍ଠ ଟ୍ରାଫିକ ଅଧିକାରୀ ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ମଧୁବନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମହିଳା ଦିବସରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଲୋଚନା ସଭା, ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ କମ୍ପାନୀର ବରିଷ୍ଠ ଅଧିକାରୀମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ଜୟଦେବ ଭବନରେ ପାରାଦୀପ ପୌରପାଳିକା ପକ୍ଷରୁ ଆୟୋଜିତ ମହିଳା ଦିବସରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ମହିଳାମାନଙ୍କ ସଶକ୍ତୀକରଣ ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

ସେହିପରି କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତ ସାହୁ ବଜାରସ୍ଥିତ କଲ୍ୟାଣ ମଣ୍ଡପରେ ଭାଜପା ପକ୍ଷରୁ ପାରାଦୀପ ନିର୍ବାଚନ ମଣ୍ଡଳୀସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରାକ୍ତନ ଜିଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଓ ଭବେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ବାଲିଆ ସରପଞ୍ଚ ସରୋଜିନୀ ନାୟକ, ବଣିତୋ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଚ୍ଛାୟତ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ଜିଲା ସମ୍ପାଦକ ତପନ କୁମାର ତ୍ରିପାଠୀ, ଯୁଗଳ ପ୍ରଧାନ, ଦିଲୀପ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବିବାଦର ୧୦ ଦିନ ପରେ ବଦଳିଲେ ପ୍ରଧାନ ଶିକ୍ଷୟିତ୍ରୀ

## ପାରାଦୀପର ଘନଗଳିଆ ସରକାରୀ ବିଦ୍ୟାଳୟ

### ସ୍କୁଲକୁ ନିଷିଦ୍ଧାଞ୍ଚଳ ଲେଖିବା ଯୋଗୁ ବିବାଦ ହୋଇଥିଲା




ସ୍କୁଲ୍‌ରେ ଲଗାଯାଇଥିବା ବିବାଦୀୟ ପୋଷ୍ଟର।

ପାରାଦୀପ, ୮।୩ (ଶରତ ରାଉତ)

ପାରାଦୀପର ଉଦୟବଟ ଭିତରଗଡରେ ଥିବା ଘନଗଳିଆ ସରକାରୀ ବିଦ୍ୟାଳୟ ବିବାଦ ଉପରେ ଶିକ୍ଷା ବିଭାଗ ଶନିବାର ପଦକ୍ଷେପ ନେଇଛି ଯଥା ବିଦ୍ୟାଳୟ ଆଗରେ ନିଷିଦ୍ଧାଞ୍ଚଳ ବ୍ୟାନର ଲଗାଇବା, ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର କରିବା ଅଭିଯୋଗରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ବେହେରାଙ୍କୁ ବଦଳି କରାଯାଇଛି। ତାଙ୍କ ଜାଗାରେ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଅତିରିକ୍ତ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ଦିଆଯାଇଛି ବୋଲି କୁଜଙ୍ଗ ମଣ୍ଡଳ ଶିକ୍ଷାଧିକାରୀ(ବିଇଓ)ମନୋଜ କୁମାର ଦାସ ସୂଚନା ଦେଇଛନ୍ତି। ଏହାବ୍ୟତୀତ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ ରମା ଜେନାଙ୍କ ଉପରେ ତଦନ୍ତ ଚାଲିଛି। ସେହି ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ଦାସ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ସ୍କୁଲରେ ଗତ ଜାନୁଆରୀରେ ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ଚାଉଳ ଖାତାରେ ୧୮ କୁଇଣ୍ଟାଲ ଦର୍ଶାଇ ୧୩ କୁଇଣ୍ଟାଲ ଗ୍ରହଣ କରାଯାଇଥିଲା। ଅର୍ଥାତ୍ ୫ କୁଇଣ୍ଟାଲ ଚାଉଳର ହେରଫେର ହୋଇଥିଲା। ଏହି ଘଟଣାରେ ଏସ୍‌ଏମ୍‌ସି (ସ୍କୁଲ ମ୍ୟାନେଜମେଣ୍ଟ କମିଟି)ରେ ଅଭିଭାବକମାନେ ଆପତ୍ତି ଜଣାଇଥିଲେ। ଏନେଇ ଶିକ୍ଷୟିତ୍ରୀ ବେହେରା ଓ ଅଭିଭାବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାର ସମାଧାନ ପାଇଁ ସ୍ଥାନୀୟ କାଉନ୍‌ସିଲର କେଦାର ଜେନା ହସ୍ତକ୍ଷେପ କରି ତଦାରଖ କରିବାକୁ ଉଭୟ ପକ୍ଷଙ୍କୁ କହିଥିଲେ। ଏଥିପାଇଁ ଅଭିଭାବକ ବାରମ୍ବାର ସ୍କୁଲକୁ ଯାଉଥିଲେ। ଏଥିରେ ଅଙ୍କୁଶ ଲଗାଇବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବେହେରା ଏକ ବ୍ୟାନର ସ୍କୁଲ ଫାଟକ ଆଗରେ ଲଗାଇଥିଲେ। ଯେଉଁଥିରେ ଦର୍ଶାଯାଇଥିଲା ଏହା ନିଷିଦ୍ଧାଞ୍ଚଳ। ଏପରିକି ବାହାର ଲୋକ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ଏନେଇ ଫେବୃଆରୀ ୨୪ ରେ ସ୍କୁଲ ପିଲା ଓ ଅଭିଭାବକମାନେ ଧାରଣା ଦେଇଥିଲେ। ଖବରପାଇ ଶିକ୍ଷା ବିଭାଗର ଅଧିକାରୀମାନେ ପହଞ୍ଚି ତଦନ୍ତ କରିବା ସହ ଉପରୋକ୍ତ ପଦକ୍ଷେପ ନେଇଛନ୍ତି।

# ଅଗ୍ନିକାଣ୍ଡସ୍ଥଳ ଅନୁଧ୍ୟାନ କଲେ ଶିଳ୍ପମନ୍ତ୍ରୀ



ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ପାରାଦୀପ,୮।୩ (ଶରତ ରାଉତ)

## ପାରାଦୀପ ମାଛଧରା ବନ୍ଦର

ପାରାଦୀପ ମାଛଧରାବନ୍ଦରରେ ଗତ ଗୁରୁବାର ଘଟିଥିବା ଅଗ୍ନିକାଣ୍ଡ ଘଟଣା ଉପରେ ଅନୁଧ୍ୟାନ କରିବାକୁ ଶନିବାର ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଘଟଣା ସ୍ଥଳକୁ ଯାଇଥିଲେ। ସେଠାରେ ପୋଡ଼ି ଯାଇଥିବା ବୋଟ ଡଙ୍ଗା ଦେଖିବା ସହ ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଓମ୍ପା ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ ଓ ଅନ୍ୟମାନେ ମନ୍ତ୍ରୀ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୋଡି ଯାଇଥିବା ୧୪ ବୋଟ ମାଲିକଙ୍କୁ ରାଜ୍ୟ ସରକାର କ୍ଷତିପୂରଣ ଦେବା ଦାବି ଉପରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ଏହି ଘଟଣା ଅତ୍ୟନ୍ତ ଦୁଃଖଦ। ନିଆଁରେ କ୍ଷତିଗ୍ରସ୍ତ ହୋଇଥିବା ବୋଟ୍ ଓ ଡଙ୍ଗା ମାଲିକମାନଙ୍କୁ କ୍ଷତିପୂରଣ କିମ୍ବା ଅନ୍ୟ କୌଣସି ସହାୟତା ଯୋଗାଇଦେବାକୁ ସେ ମୁଖ୍ୟମନ୍ତ୍ରୀ ଓ ମତ୍ସ୍ୟ ବିଭାଗ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ସେହି ଅନୁସାରେ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଓମ୍ପା ସଭାପତି ପରିଡ଼ା କୁହନ୍ତି, ଆନ୍ଧ୍ରପ୍ରଦେଶରେ ଦୁଇବର୍ଷ ଏହିଭଳି ଅଗ୍ନିକ ଘଟଣାରେ ୬୦ରୁ ଅଧିକ ବୋଟ୍ ନଷ୍ଟ ହୋଇଥିଲା। ଆନ୍ଧ୍ରପ୍ରଦେଶ ସରକାର ସେମାନଙ୍କୁ କ୍ଷତିପୂରଣ ଦେଇଥିଲେ। ଏଥିଯୋଗୁ ମାଛଧର ବନ୍ଦରରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାରେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ପରିଡ଼ା ଆଶାବ୍ୟକ୍ତ କରିଛନ୍ତି।

# ମହିଳାଙ୍କ ସ୍ୱାଭିମାନକୁ ଗୁରୁତ୍ୱ ଦିଏ ବିଜେଡି

କେନ୍ଦ୍ରାପଡ଼ା, ୮।୩ (ଜଗନ୍ନାଥ ଧଳ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କେନ୍ଦ୍ରାପଡା ଜିଲା ବିଜୁ ଜନତା ଦଳ ପକ୍ଷରୁ ବିଶାଳ ମହିଳା ସମାବେଶ ସହରର ଟାଉନହଲ ଠାରେ ଶନିବାର ଅନୁଷ୍ଠିତ ହୋଇଛି। ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଜେଡି ସର୍ବଦା ମହିଳାଙ୍କ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଆସିଥିବା ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ବିଧାୟକ ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଲଳିତା ଦାସ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢ଼ୀ ପ୍ରମୁଖ କହିଥିଲେ ଏହି ଦିବସ ପାଇଁ ଚଳିତ ବର୍ଷର ସ୍ଲୋଗାନ ସମସ୍ତ ମହିଳା ଓ ଝିଅମାନଙ୍କ ପାଇଁ ଅଧିକାର, ସମାନତା ଓ ସଶକ୍ତିକରଣ। ବିଜେଡି ଏହି ସ୍ଲୋଗାନକୁ ବହୁ ପୂର୍ବରୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଆସିଛି। ରାଷ୍ଟ୍ରନାୟକ ବିଜୁବାବୁ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନବୀନ ବାବୁଙ୍କ ଶାସନ କାଳରେ ମହିଳାଙ୍କ ପାଇଁ ସଂରକ୍ଷଣ ଓ ଆସନ ସହାୟତା ଯୋଜନା ପ୍ରଣୟନ କରି ସ୍ୱାବଲମ୍ବୀ ଓ ସଶକ୍ତ କରିପାରିଛନ୍ତି । ସବୁ ମାଆ ଏକାଠି ହୋଇ ବିଜେଡିକୁ ଶକ୍ତିଶାଳୀ କରିବା ଓ ପୂର୍ନବାର କ୍ଷମତାକୁ ଆଣିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ରାଜ୍ୟ ବିଜେଡି ସହ ସମ୍ପାଦକ ରଞ୍ଜିତ ସାହୁ, ବ୍ଲକ ସଭାପତି ଆଲୋକ ସାହୁ, ନଗର ସଭାପତି ଯଯାତି କେଶରୀ ମହାନ୍ତି, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ଉମେଶ ନାୟକ, ସମ୍ବିତ ଶ୍ରୀଚନ୍ଦନ, ଲୋହିତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ପ୍ରମୁଖ ଏହି ସଭାକୁ ପରିଚାଳନା କରିଥିଲେ।



ମହିଳା ସମାବେଶରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

# ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)

ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢୁଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ତରଫରୁ ମାର୍ଚ୍ଚ ୧୦ରେ ଜିଲାପାଳଙ୍କ କାର୍ଯାଳୟ ଘେରାଉ କରିବାକୁ ସ୍ଥିର କରାଯାଇଛି। ଜିଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ବରିଷ୍ଠ କଂଗ୍ରେସ ନେତା ସନତ୍ ଦାସ ଘେରାଉ କାର୍ଯ୍ୟକ୍ରମ ଉପରେ ସୂଚନାଦେବା ସହ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲାର ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦାର ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, କଂଗ୍ରେସ ନେତା ଇଂ. ନଳିନୀ କୁମାର ସ୍ୱାଇଁ, ପ୍ରତିମା ମଲ୍ଲିକ, ନିରଞ୍ଜନ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବ ପ୍ରସାଦ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୫୫ ମାମଲାରୁ ୪୯ ତତ୍କାଳ ଫଇସଲା

## କୁଜଙ୍ଗରେ ରାଷ୍ଟ୍ରୀୟ ଲୋକ ଅଦାଲତ

କୁଜଙ୍ଗ, ୮।୩ (ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଶନିବାର ଦେୱାନୀ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ଦୀପ୍ତିପ୍ରକାଶ ବ୍ରହ୍ମା, ବରିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ପଣ୍ଡା, ଦେୱାନୀ ବିଚାରପତି ବିଶ୍ୱଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ ମିଶ୍ର ଉପସ୍ଥିତ ରହି ମକଦ୍ଦମାଗୁଡ଼ିକର ବିଚାର କରିଥିଲେ। ଏହି ଅବସରରେ ୨୫୫ ମାମଲାର ବିଚାର କରାଯାଇଥିବାବେଳେ ୪୯ ମାମଲାର ତତ୍କାଳ ଫଇସଲା ହୋଇଛି। ଏଥିସହ ୮ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯାଇଛି। ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଏଏନ୍‌ଡି ଯାଦବ ଓ ଦେବାଶିଷ କଣ୍ଠ ପ୍ରମୁଖ ଉପସ୍ଥିତ ରହି ଆଇନ ସହାୟତା ଯୋଗାଇ ଦେଇଥିଲେ।

# ଦେମାଳ ଟିମ୍ ଚାମ୍ପିୟନ

## ଗୌରହରି ସାହୁ ସ୍ମାରକୀ କ୍ରିକେଟ

ଆଳି,୮।୩ (ବନମାଳୀ ସେନାପତି)



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ଆଳି ବ୍ଲକ ନିଆଳ ପଞ୍ଚାୟତ ତେଲିପାଟଣା ଖେଳ ପଡିଆରେ ଚାଲିଥିବା ପଞ୍ଚମ ବାର୍ଷିକ ଗୌରହରି ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ମାଗିରିବନ୍ଧ କ୍ରିକେଟ କ୍ଲବ ଓ ଦେମାଳ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଦେମାଳ ଟିମ୍ ଟସ୍ ଜିତି ଗିରିବନ୍ଧ ଟିମ୍‌କୁ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲା। ଗିରିବନ୍ଧ ଟିମ୍ ୧୦ ଓଭର ଖେଳି ୫ ଟି ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରିଥିଲା। ଏହାର ଜବାବ୍‌ରେ ଦେମାଳ ଟିମ ୮.୪ ଓଭରରେ ୧୨୦ ରନ କରି ଚମ୍ପିୟାନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗାଳ୍ପିକ ବନମାଳୀ ସେନାପତି, ସମ୍ମାନିତ ଅତିଥି ଭାବେ ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁଶାନ୍ତ ସାହୁ, କିଶୋର ବେହୁରା, ପ୍ରଫୁଲ୍ଲ ମଲିକ, କୃଷ୍ଣ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଗିରିବନ୍ଧ କ୍ରିକେଟ ଟିମକୁ ରନର୍ସଅପ୍ ଟ୍ରଫି ସହ ୬ ହଜାର ଟଙ୍କା ଓ ଦେମାଳ କ୍ରିକେଟ କ୍ଲବ୍‌କୁ ଚମ୍ପିୟାନ ଟ୍ରଫି ସହ ୮ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ବିଶ୍ୱଜିତ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଭାଷ୍ୟକାର ଭାବେ ବିଜୟ ଗୋଛାୟତ, ସେକ ଆଫରୋଜ ଓ ଡ୍ୟାନସିଂ ଅମ୍ପାୟାର ବିକନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଉତ୍ସାହ, ପ୍ରେରଣାର ଦିଗ୍‌ଦର୍ଶକ ହେଉଛନ୍ତି ବରିଷ୍ଠ ନାଗରିକ

- ରାଜ୍ୟ ସରକାରଙ୍କ ତରଫରୁ ୧୧ ପ୍ରକାର ପୁରସ୍କାର ବ୍ୟବସ୍ଥା ରହିଛି
- ମାର୍ଚ୍ଚ ୧୮ରେ ୮୫ ଜଣ ଅଯୋଧ୍ୟା ଯିବେ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ବରିଷ୍ଠ ନାଗରିକ କମିଟିର ତ୍ରୟମାସିକ ବୈଠକରେ ଜିଲାପାଳ ଜେ. ସୋନାଲ ଓ ଅନ୍ୟମାନେ।

ବାସ୍ତବିକ ସମାଜରେ ଉତ୍ସାହ ଓ ପ୍ରେରଣାର ଦିଗ୍‌ଦର୍ଶକ ହେଉଛନ୍ତି ବରିଷ୍ଠ ନାଗରିକ। ସେମାନଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଆମ୍ଭମାନଙ୍କୁ ଆଗକୁ ବଢ଼ିବାର ମାର୍ଗଦର୍ଶନ ଦିଏ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ବରିଷ୍ଠ ନାଗରିକ କମିଟିର ତ୍ରୟମାସିକ ବୈଠକରେ ପୌରୋହିତ୍ୟ କରି ଜିଲାପାଳ ଜେ. ସୋନାଲ ଏହା କହିଛନ୍ତି। ଏହି ଅବସରରେ ଏପ୍ରିଲରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବ୍ଲକସ୍ତରରେ ହେଲ୍‌ଥ କ୍ୟାମ୍ପ ଆୟୋଜନ କରିବାକୁ ଜିଲାପାଳ ଜିଲା ସମାଜ ସୁରକ୍ଷା ଅଧିକାରିଣୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ କମିଟି ଗୃହ ଯୋଗାଇଦେବାକୁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଜିଲାର ବିଭିନ୍ନ ବ୍ଲକ ଓ ଗ୍ରାମଗୁଡିକରେ ୩୦ ବରିଷ୍ଠ ନାଗରିକ ସଙ୍ଗଠନ ରହିଛି। ରାଜ୍ୟ ସରକାରଙ୍କ ତରଫରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ୧୧ ପ୍ରକାରର ପୁରସ୍କାର ବ୍ୟବସ୍ଥା ରହିଛି। ସେଥି ମଧ୍ୟରୁ ଅବଦାନ ଯୋଜନାର କାର୍ଯ୍ୟକାରିତା ବିଷୟରେ ଅବଗତ କରାଇଥିଲେ।

ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ବରିଷ୍ଠ ନାଗରିକମାନଙ୍କ ପାଇଁ ପର୍ଯ୍ୟଟନ ବିଭାଗ ଓ ସଂସ୍କୃତି ବିଭାଗ ତରଫରୁ ଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଓ କଳାକାର ଭତ୍ତା ବିଷୟରେ କହିଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଜଗତ୍‌ସିଂହପୁର ଜିଲାରୁ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୮୫ ଜଣ ଶିରିଡ଼ି ଗସ୍ତରେ ଯାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ମାର୍ଚ୍ଚ ୧୮ରେ ଆଉ ୮୫ ଜଣ ଅଯୋଧ୍ୟା ଗସ୍ତରେ ଯିବେ ବୋଲି କହିଛନ୍ତି। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ନିକୁଞ୍ଜ କୁମାର ବେହେରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଜିଲାପାଳଙ୍କୁ ଧନ୍ୟବାଦ ଦେଇଥିଲେ। ତେବେ ଦୂର ଦୂରାନ୍ତରୁ ବିଭିନ୍ନ ସମୟରେ ବହୁ ବରିଷ୍ଠ ନାଗରିକ ଜିଲା ମୁଖ୍ୟାଳୟ ଆସିଥାନ୍ତି। ରହଣି ସମସ୍ୟା ଯୋଗୁ ସେମାନେ ଅସୁବିଧାରେ ପଡୁଛନ୍ତି। ତେଣୁ ଏନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ସଙ୍ଗଠନ ଉପସଭାପତି ପ୍ରଭାକର ସ୍ୱାଇଁ ପ୍ରତ୍ୟେକ କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଦରକାର ବୋଲି କହିଥିଲେ। ସଙ୍ଗଠନ କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ଜେନା ଓ ଅନ୍ୟ ସଦସ୍ୟମାନେ ମଧ୍ୟ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ରଘୁନାଥ ଜେନା ବରିଷ୍ଠ ନାଗରିକମାନଙ୍କୁ ନିଜର କର୍ତ୍ତବ୍ୟ ବିଷୟରେ ଅବଗତ କରାଇବା ସହ ଗାଁଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆହ୍ୱାନ ଦେଇଥିଲେ। ସଂଗଠନ ସଦସ୍ୟ ଗୌରାଙ୍ଗ ହୋତା ଜିଲାପାଳଙ୍କୁ ସଙ୍ଗଠନ ପାଇଁ ଏକ ଜମି ଦେବାକୁ ଦାବି ରଖିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓକିଲ ସଂଘ ନିର୍ବଚନ, ନିର୍ଦ୍ୱନ୍ଦ୍ୱରେ ମନୋନୀତ ହେଲେ ସବୁ ପ୍ରାର୍ଥୀ

କବିସୂର୍ଯ୍ୟନଗର, ୮।୩ (କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଓକିଲ ସଂଘ ନିର୍ବାଚନ ପାଇଁ ଶୁକ୍ରବାର ଦିନ ନାମାଙ୍କନ ପତ୍ର ବିଭିନ୍ନ ପ୍ରାର୍ଥୀ ପାଇଁ ଦାଖଲ ହୋଇଥିଲା। କିନ୍ତୁ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ବିରୁଦ୍ଧରେ କେହି ପ୍ରାର୍ଥୀପତ୍ର ଦାଖଲ ହୋଇ ନ ଥିବା ହେତୁ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଥିବା ଜଣାପଡ଼ିଛି। ଓକିଲ ସଂଘ ସଭାପତି ସୁକୁମାର ମାଝୀ, ଉପସଭାପତି ଅଶୋକ ମହାରଣା, ସମ୍ପାଦକ ଚଣ୍ଡୀପ୍ରସାଦ ପ୍ରଧାନ, ସହ ସମ୍ପାଦକ ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ ମନୋନୀତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଅଶୋକ ସାହୁ, ସହାୟକ ନିର୍ବାଚନ ଅଧିକାରୀ ପ୍ରଫୁଲ ଭୂୟାଁ କାର୍ଯ୍ୟ ତୁଲାଇଥିଲେ।

### ୟୁନିୟନ ବ୍ୟାଙ୍କ ରମ୍ଭା ଶାଖାର ସୂକ୍ଷ୍ମ କ୍ଷୁଦ୍ର, ମଧ୍ୟମ ମେଗା ମହାମେଳା

ରମ୍ଭା,୮।୩(ବନବାସୀ ସେଠୀ) ସ୍ଥାନୀୟ ମିଞ୍ଚିନି ପାଟଣା କଲ୍ୟାଣ ମଣ୍ଡପ ପରିସରରେ ୟୁନିୟନ ବ୍ୟାଙ୍କ ରମ୍ଭା ଶାଖା ପକ୍ଷରୁ ସୁକ୍ଷ୍ମ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀକ ସମ୍ମିଳିତ ତଥା ଆର୍ଥିକ ଅନ୍ତର୍ଭୁକ୍ତି କରଣ ମେଗା ମହାମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଞ୍ଚାସିନ ବ୍ୟକ୍ତିମାନଙ୍କୁ ଉପଢୌକନ ସହ ଚାରା ପ୍ରଦାନ କରିଥିଲେ। ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ସେଣ୍ଟ୍ରାଲ ଅଫିସ ମୁମ୍ବାଇ ଜେନେରାଲ ମେନେଜର ସରୋଜ ଦାଶ, ରିଜୋନାଲ ମେନେଜର ବ୍ରହ୍ମପୁର ବଂଶୀଧର ତ୍ରିପାଠୀ, ଇଜିଏମକେଡିଟ ଜୋନାଲ ଅଫିସ ଭୁବନେଶ୍ୱର ସନ୍ଦୀପ ଦାଶ ମହାପାତ୍ର, ରମ୍ଭା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଲା, ଗଞ୍ଜାମ କାଜୁ କ୍ଲଷ୍ଟର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଉପସ୍ଥାପକ ରୂପେ ରୁପେଶ ରଥ ଓ ତଟିନୀ ସେନାପତି ରହିଥିବା ବେଳେ ରମ୍ଭା ଶାଖା ପରିଚାଳକ ମାନସ ରଞ୍ଜନ ମଙ୍ଗରାଜ କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଦେଇଥିଲେ। ଏଥିରେ ୟୁନିୟନ ବ୍ୟାଙ୍କ ୧୦୫ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କାଜୁ କ୍ଲଷ୍ଟର, ସୁକ୍ଷ୍ମ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ନୂତନ କରି ଲଞ୍ଚ କରିଥିବା ଏମଏସଏମଇ ଯୋଜନା ପ୍ରଚଳନ ଉଲ୍ଲେଖ କରିବା ସହ ଚାହିଦା, ଆବଶ୍ୟକତା, ମହିଳା ଗୋଷ୍ଠୀଙ୍କୁ ଋଣ ଦେଣ ନେଣ, ଶିଶୁ –ତରୁଣ – କିଶୋର ମୁଦ୍ରା ଋଣର ବର୍ଦ୍ଧିତ ପ୍ରଦାନ ସହିତ ସରକାରୀ ଯୋଜନାର ନିବେଶ ଓ ପ୍ରଦାନ ଉପରେ ଆଲୋକପାତ କରିଥିଲେ। ତତ ସହିତ ୧୬ ଗୋଟି ମହିଳା ଗୋଷ୍ଠୀଙ୍କୁ ଏକ କୋଟିରୁ ଉର୍ଦ୍ଧ୍ୱ ଋଣ ପ୍ରଦାନ, ୨ଗୋଟି ଏମଏସଏମ ଏକ କୋଟି ନବେ ଲକ୍ଷ ଋଣ ପ୍ରଦାନ, ୪ ଗୋଟି ବ୍ରହ୍ମପୁର ଶାଖାର ଏମଏସଏମଇ ମାନଙ୍କୁ ୮୧୫ ଲକ୍ଷ ଋଣ ପ୍ରଦାନ କରାଯାଇଥିବା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମଳା ବାସ୍କେ, ମନୋଜ କୁମାର ସାହୁ, ବିଘ୍ନେଶ ସାସମଲ, ହିମାଚଳ ସାହୁ(ଏଲଡ଼ିଏମ), ମହେନ୍ଦ୍ର ଗଡାଡ଼ିଆ, ରଘୁନାରାୟଣ ସ୍ୱାଇଁ, ପ୍ରତାପ କୁମାର ସାହୁ, ସ୍ୱାତି ପ୍ରଜ୍ଞା ମହାପାତ୍ର, ବିଷ୍ଣୁ ପ୍ରିୟା ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ।

# ୨୨ ଜଙ୍ଗଲ ନିଆଁ ନିୟନ୍ତ୍ରଣ, ପୁଣି ଆଉ ୧୩ ସ୍ଥାନରେ ଲାଗିଲା ନିଆଁ

ଭଞ୍ଜନଗର, ୮।୩(ବାବୁଲା ପ୍ରଧାନ)


କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରୁଛନ୍ତି।

- ଧୂଆଁ, ତାତିରେ ଲୋକେ ଅଣନିଃଶ୍ୱାସୀ
- ନିଆଁକୁ ଆୟତ୍ତ କରିବା ପାଇଁ ଗାଡ଼ି, କର୍ମଚାରୀ ଅଭାବ

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଲାଗିଥିବା ଜଙ୍ଗଲ ନିଆଁ ଥମିବା ବଦଳରେ ବଢ଼ିବାରେ ଲାଗିଛି। ଶୁକ୍ରବାର ୨୨ଟି ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟ ତଥ୍ୟରୁ ଜଣାପଡ଼ିଥିଲା। ଶନିବାର ଅପରାହ୍ନ ୧ଟା ସୁଦ୍ଧା ଗାଲେରି, ତାରସିଂ, ମୁଜାଗଡ଼ ରେଞ୍ଜର ଆଉ ୧୩ଟି ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟ ତଥ୍ୟରୁ ଜଣାପଡ଼ିଛି। ଗତକାଲି ଲାଗିଥିବା ନିଆଁକୁ ପ୍ରାୟ ଦମନ କରାଯାଇଛି । ଶନିବାର ଲାଗିଥିବା ନିଆଁକୁ ନିୟନ୍ତ୍ରଣ ପାଇଁ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଉଦ୍ୟମ ଚଳାଇଛନ୍ତି। ନିଆଁ ଲିଭାଇବା ପାଇଁ ଏହି ବନଖଣ୍ଡରେ ଗାଡ଼ି ଏବଂ କର୍ମଚାରୀ ଅଭାବ ସମସ୍ୟା ରୂପେ ଉଭା ହୋଇଛି। କେତେକ ସ୍ଥାନରେ କିଛି ପ୍ରଭାବଶାଳୀ କର୍ମଚାରୀ ନିଆଁ ଲିଭା ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ନିୟୋଜିତ ଥିବା ଗାଡ଼ିଗୁଡ଼ିକୁ ଘରୋଇ କାର୍ଯ୍ୟରେ ବିଭିନ୍ନ ସମୟରେ ଲଗାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ନିଆଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଗାଡ଼ି ଖୋଜିବା ବେଳକୁ ଗାଡ଼ି ମିଳୁନାହିଁ। ଏହାକୁ ନେଇ କେତେକ ରେଞ୍ଜରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିଆଁକୁ ନିୟନ୍ତ୍ରଣ କରିବାକୁ ଯିବା ପୂର୍ବରୁ ଚାରିଚକିଆ ଗାଡ଼ି ଆବଶ୍ୟକ। ବର୍ତ୍ତମାନ ଯନ୍ତ୍ରପାତି ସହାୟତାରେ ନିଆଁ ଲିଭାଯାଉଛି। ଏଥିପାଇଁ ଏକାଧିକ କର୍ମଚାରୀ ନିୟୋଜିତ ହେଉଛନ୍ତି। କର୍ମଚାରୀ, ଯନ୍ତ୍ରପାତି, ଖାଦ୍ୟ, ପାଣି ସବୁ ଧରି ଯିବା ପାଇଁ ଗାଡ଼ି ନିହାତି ଆବଶ୍ୟକ। ଗାଡ଼ି ହଠାତ୍ ନ ମିଳିଲେ ନିଆଁ ସେପଟେ ବଢ଼ିଯାଉଛି।

ଅନ୍ୟପକ୍ଷରେ ହଠାତ୍ ଜଙ୍ଗଲର ଏତେ ସ୍ଥାନରେ ନିଆଁ ଲାଗିବା ଏବଂ ତାହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇପାରୁ ନ ଥିବାରୁ ଏନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଜଙ୍ଗଲ ପୋଡ଼ି ହେତୁ ଘୁମୁସର ଉତ୍ତର ବନଖଣ୍ଡର ଅଧିକାଂଶ ଅଞ୍ଚଳ ଧୂଆଁମୟ ହୋଇଯାଇଛି । ଭଞ୍ଜନଗର ସହରତଳି ଅଞ୍ଚଳରେ ମଧ୍ୟ ଧୂଆଁର ପ୍ରଭାବ ଦେଖିବାକୁ ମିଳିଛି। ଗୋଟିଏ ପଟେ ଜଙ୍ଗଲ ନିଆଁ ଯୋଗୁ ଚାରିଆଡ଼େ ଧୂଆଁ ବ୍ୟାପି ଯାଇଥିବା ବେଳେ ତାପମାତ୍ରା ମଧ୍ୟ ଧୀରେ ଧୀରେ ବଢୁଛି। ଧୂଆଁ ଏବଂ ତାତିରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇପଡ଼ିଲେଣି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବାର୍ଷିକ ସମ୍ମିଳନୀ
# ଗାଁର ପୂର୍ବ ଐତିହ୍ୟ, ମର୍ଯ୍ୟାଦା ଫେରାଇ ଆଣିବାକୁ ଶପଥ

ଛତ୍ରପୁର,୮।୩ (ଦିଲ୍ଲୀପ ସାମଲ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି କରାପଲ୍ଲୀ ଶାଖାର ବାର୍ଷିକ ସମ୍ମିଳନୀ ମଙ୍ଗୁଲୁ ନାହାକଙ୍କ ସଭାପତିତ୍ୱରେ କରାପଲ୍ଲୀ ଗ୍ରାମଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପାର୍ଟିର ଜିଲା ସମ୍ପାଦକ ପ୍ରକାଶ ପତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରିଥିଲେ। ଏ ସରକାର କେବଳ ପୁଞ୍ଜିପତିଙ୍କୁ ସୁହାଇଲାଭଳି ନୀତି ଆପଣେଉଛନ୍ତି ଯାହା ସରକାରଙ୍କ ଗତ ବଜେଟରୁ ପ୍ରମାଣିତ ହୋଇଛି। ଏହା ବିରୋଧ ରେ ସେ ଲଢେଇ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମିଳନୀଙ୍କୁ ବରିଷ୍ଠ କମ୍ୟୁନିଷ୍ଟ ନେତା ରାଜୀବ ଲୋଚନ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ ସେଠି, ଚମାଖଣ୍ଡି ଜୋନ ସମ୍ପାଦକ ସିଏଚ୍ ଜନାର୍ଦ୍ଦନ ରେଡ୍ଡୀ, ଗଞ୍ଜାମ ଜୋନ ସମ୍ପାଦକ ଦଣ୍ଡପାଣି ପତ୍ର, ଜିଲା ଯୁବସଂଘ ସମ୍ପାଦକ କାମଦେବ ନାହାକ, ଅତିଥି ଭାବେ ଯୋଗ ଦେଇଥିଲେ। ଶାଖା ସମ୍ପାଦକ ମାଗୁଣି ବିଷୋୟୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ ଆଗାମୀ ଦିନରେ ପାର୍ଟିକୁ ଅଧିକ ଶକ୍ତିଶାଳୀ କରି ଗଠନ କରିବା ସହ ଗାଁର ପୂର୍ବ ଐତିହ୍ୟ ଓ ମର୍ଯ୍ୟାଦା ରକ୍ଷାକରିବା ପାଇଁ ଶପଥ ନିଆଯାଇଥିଲା। ନୂତନ ଶାଖା ସମ୍ପାଦକ ଭାବେ ମାଗୁଣି ବିଷୋୟୀ, ସହ ସମ୍ପାଦକ ଭାବେ ରଞ୍ଜନ ଦାଶ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀରେ ମୁନା ପାତ୍ର, ସୋମନାଥ ନାହାକ ଲିଙ୍ଗରାଜ ଗୌଡ଼, ସାମ୍ବାରିଆ ନାହାକ ଦିଲୀପ ଦାସଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ତାଳସର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର

ବୁଗୁଡ଼ା,୮।୩(କାଳିଚରଣ ଦାଶ) ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଗୋଳିଆ କ୍ଲଷ୍ଟର ଅନ୍ତର୍ଗତ ତାଳସର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମ୍‌ସି ସଭାପତି ରାମଚନ୍ଦ୍ର ଜାନୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ସିଆରସିସି ସୁନିତା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କୁଆଁନଳା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ନାୟକ, ତାଳସର ଅଙ୍ଗନୱାଡି କର୍ମୀ ଲଳିତା ପରିଡା, ୱାର୍ଡ ମେମ୍ବର ପ୍ରଭାତୀ ଜାନୀ, ଶିକ୍ଷକ ଗୁରୁକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଗଡ଼ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ସହକାରୀ ଶିକ୍ଷକ ସୁନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକ ଅଦାଲତ: ଫଇସଲା ହେଲା ୩୬୯୦ ମାମଲା


ପାରଳାଖେମୁଣ୍ଡିରେ ଅନୁଷ୍ଠିତ ଲୋକ ଅଦାଲତରେ ମାମଲାଗୁଡ଼ିକର ବିଚାରଣା କରାଯାଉଛି।

ପାରଳାଖେମୁଣ୍ଡି, ୮।୩(ଗିରିଧାରୀ ପରିଚ୍ଛା)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ପ୍ରଥମ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ପରାମର୍ଶରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମୁଦାୟ ୪୬୬୫ ମାମଲାକୁ ବିଚାରକୁ ନିଆଯାଇ ୩୬୯୦ଟି ମାମଲାର ଦ୍ରୁତ୍ ସମାଧାନ କରାଯାଇଛି। ଏ ବାବଦରେ ୪୩,୧୦ ହଜାର ୧୨୧ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଜିଲା ତଥା ଦୌରା ଜଜ୍ ପ୍ରଣବ ରାଉତରାୟ ଉପସ୍ଥିତ ରହି ବିଭିନ୍ନ କୋର୍ଟ କାର୍ଯ୍ୟ ତଦାରଖ ସହ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧିକରଣ ସଚିବ ବିମଳ ରାଉଳ କୋର୍ଟ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଲୋକ ଅଦାଲତରେ ବିଭିନ୍ନ ପ୍ରକାର ବିଚାରାଧୀନ ମାମଲାର ଦ୍ରୁତ ବିଚାର ପାଇଁ ପଦକ୍ଷେପ ସହ ବିଭିନ୍ନ କୋର୍ଟ ବେଞ୍ଚମାନ ପ୍ରତିଷ୍ଠା କରାଯାଇଥିଲା। ପରିବାର ଅଦାଲତ ଜଜ୍ ଅଶୋକ ପାଢ଼ି, ଅତିରିକ୍ତ ଜିଲା ଜଜ୍ ପ୍ରଦୀପ ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରସନ୍ନ ବେହେରା, ମହିଳା କୋର୍ଟର ବରିଷ୍ଠ ଦେୱାନୀ ଅଧିକାରିଣୀ ରଶ୍ମିତା ସାହୁ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ଆର. ଉଦୟଗିରିଠାରେ ଆୟୋଜିତ ଲୋକ ଅଦାଲତରେ ସବଜଜ୍ ପୁଣ୍ୟଶ୍ଳୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ ସେଠୀ, ମୋହନା କୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଶୁଭଜିତ ବେହେରା, କାଶୀନଗର ଗ୍ରାମ୍ୟ ନ୍ୟାୟାଳୟର ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରିଣୀ ମୋନାଲିସା ବେହେରା ଉପସ୍ଥିତ ରହି ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଲିଙ୍ଗଗତ ସମସ୍ୟାର ସମାଧାନ ନେଇ କର୍ମଶାଳା

ପାରଳାଖେମୁଣ୍ଡି,୮।୩(ଗିରିଧାରୀ ପରିଚ୍ଛା)

ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଲିଙ୍ଗଗତ ସମସ୍ୟାର ସମାଧାନ ନେଇ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରି ସମ୍ଭାବ୍ୟ ଯେ କୌଣସି ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା କ୍ଷେତ୍ରରେ ପୁରୁଷ, ମହିଳା ଓ ତୃତୀୟ ଲିଙ୍ଗୀଙ୍କୁ ମଧ୍ୟ ସାମିଲ କରି ଆମେ ବିପର୍ଯ୍ୟୟକୁ ମୁକାବିଲା କରିପାରିବା ବୋଲି କହିଥିଲେ। ସେହିପରି ସମସ୍ତ ବିଭାଗୀୟ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ସଜାଗ ଓ ପ୍ରସ୍ତୁତ ହୋଇ ରହିବା ସହ ଉତ୍ତମ ସମନ୍ୱୟ ରଖି ବିପର୍ଯ୍ୟୟର ମୁକାବିଲା କରିବା, ବିପର୍ଯ୍ୟୟ ହ୍ରାସରେ ଲିଙ୍ଗଗତ ସନ୍ତୁଳନକୁ ସମାଧାନ କରିବା ପାଇଁ ସକ୍ରିୟ ହସ୍ତକ୍ଷେପ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। କର୍ମଶାଳାରେ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ,ସାଧାରଣ ପ୍ରକଳ୍ପ ପରିଚାଳକ ତାପସ ସେଠୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ଆରଣ୍ୟକ ମିଶ୍ର, ସୁବୋଧ ନାୟକ, ଲିଙ୍ଗଗତ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ପରିଚାଳନାରେ ଲିଙ୍ଗଗତ ଚିନ୍ତାଧାରାକୁ ଅନ୍ତର୍ଭୁକ୍ତ କରି ପ୍ରୋତ୍ସାହିତ କରିବା ଜରୁରୀ। ମହିଳା, ବାଳିକା,ଭିନ୍ନକ୍ଷମ, ଶିଶୁ ଓ ବୃଦ୍ଧଙ୍କ ପରି ସମାଜର ଅଧିକାଂଶ ବିଭାଗକୁ ଅନ୍ତର୍ଭୁକ୍ତ କରିପାରିଲେ ବିପର୍ଯ୍ୟୟ ହ୍ରାସ କରାଯାଇପାରିବ ବୋଲି ଅଧିକାରୀମାନେ ଆଲୋଚନା ବେଳେ ମତ ରଖିଥିଲେ।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାଲିଗୁଡ଼ା,୮।୩(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡା ପଣସପଡି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରହରାଜ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକାବତୀ ସାହାଣୀ, ସିଆରସିସି ସୌଦାମିନୀ ସାହୁ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ବଳିଆରସିଂ ଅତିଥି ପରିଚୟ ଓ ସୁଦୀପ୍ତା ମହାପାତ୍ର ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ବିଦ୍ୟାଳୟର ସଭାପତି ସୁମିତ୍ରା ବେହେରଦଳାଇଙ୍କ ସମେତ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଶତପଥୀ, ମିନାକ୍ଷୀ ତ୍ରିପାଠୀ, ସବିତା ମହାନ୍ତ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ସମ୍ମିଳନୀ

ଟିକାବାଲି, ୮।୩ ( ଗଗନ ବିହାରୀ ପଟ୍ଟନାୟକ)

ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ନୋଡାଲ କଲେଜ୍ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। କନ୍ଧମାଳ ଓ ବୌଦ୍ଧ ଜିଲ୍ଲା ପାଇଁ ଟିକାବାଲି ଏଏମସିଏସ ମହାବିଦ୍ୟାଳୟକୁ ନୋଡାଲ କଲେଜ ଭାବେ ଭାରତ ସରକାର ମନୋନୀତ କରିଛନ୍ତି। ଯୁବତୀଯୁବକଙ୍କୁ ଭାରତର ବିକାଶରେ ସାମିଲ କରିବା ସେମାନଙ୍କ ନିଜ ମତ ରଖିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୧୮ରୁ ୨୫ ବର୍ଷର ଯୁବତୀଯୁବକ ମାନେ ଅନଲାଇନରେ ୧୬ ତାରିଖ ମଧ୍ୟରେ ମାଇଁ ଭାରତ ପୋର୍ଟାଲରେ ନିଜ ନାମ ପଞ୍ଜିକରଣ କରି ନିଜ ବିଷୟରେ ତଥ୍ୟ ଦେବେ। ପରେ ମାଇ ଭାରତ ୟୁଥ୍ ପାର୍ଲିଆମେଣ୍ଟ ଅପ୍ସନ୍‌କୁ ଯାଇ ସେମାନଙ୍କ ଦ୍ୱାରା ଏକ ମିନିଟ ଭିଡିଓ ପ୍ରସ୍ତୁତ କରି ବିକଶିତ ଭାରତକୁ କିପରି ବୁଝିଛନ୍ତି ସେ ସମ୍ପର୍କରେ ମତ ରଖିବେ। ଭିଡିଓ ଗୁଡ଼ିକୁ ବିଚାରକଙ୍କ ଦ୍ୱାରା ତନଖି କରି ୧୫୦ ଜଣକୁ ମନୋନୀତ କରି ଟିକାବାଲି କଲେଜକୁ ଡକାଯିବ। ଏକ ଦେଶ ଏକ ନିର୍ବାଚନ ଭାରତର ବିକାଶ ପାଇଁ କେଉଁ ପଥ ରହିଛି ପିଲାମାନେ ଓଡ଼ିଆ, ଇଂରାଜୀ, ହିନ୍ଦୀ ଯେ କୌଣସି ଗୋଟିଏ ଭାଷାରେ ୩ ମିନିଟ ଭିତରେ ଅଭିମତ ରଖିବେ। ଏଥିରୁ ବିଚାରକ ମାନେ ୧୦ଜଣ କୁ ମନୋନୀତ କରିବେ ଏମାନେ ରାଜ୍ୟ ସ୍ତରରେ ଭାଗ ନେବେ। ସରକାରଙ୍କ ଏ ଆଭିମୁଖ୍ୟକୁ ନେଇ ନେହୃରୁ ଯୁବକେନ୍ଦ୍ରର ଅଧିକାରୀ ନଭଜିତ୍‌କୁମାର ଆଲୋଚନା କରିଥିଲେ।

# କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ହୋହାଲା



ଟିପିଏସଓଡ଼ିଏଲ କାର୍ଯ୍ୟାଳୟ ସମ୍ମୁଖରେ ପୋଡ଼ମପେଟା ଗ୍ରାମବାସୀଙ୍କ ହୋହାଲା କରୁଛନ୍ତି।

ଗଞ୍ଜାମ,୮।୩(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମପେଟା ଓଡ଼ିଆରପି କଲୋନୀରେ ବିଦ୍ୟୁତ କାଟକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପ୍ରତି ସାମୁଦ୍ରିକ କଇଁଚ ମାନଙ୍କ ଋଷିକୁଲ୍ୟା ମୁହାଁଣରେ ସମାଗମ ହୋଇଥିବାରୁ ୭ମାସ ସମୁଦ୍ରରେ ମାଛ ମାରିବା ନେଇ କଟକଣା ରହିଛି। ଯାହାକୁନେଇ ସ୍ଥାନୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ମାନେ ଆର୍ଥିକ ସମସ୍ୟାର ସମ୍ମୁଖିନ ହେଉଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପଟେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟୁତ କାଟ ଯୋଗୁଁ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ାରେ ଘୋର ବ୍ୟାଘାତ ଘଟିଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ, ସମୁଦ୍ରର ଆଁ ମଧ୍ୟରେ ନୂଆ ପୋଡ଼ମପେଟା ଗ୍ରାମ ଲୀନ ହେବାକୁ ଯାଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀ ମାନଙ୍କୁ ଓଡ଼ିଆରପି ଗୃହ ପ୍ରଦାନ କରି ଥଇଥାନ କରାଯାଇଥିଲା। ହେଲେ ସେମାନେ ଗୃହ ପ୍ରବେଶ ପୂର୍ବରୁ ବର୍ଦ୍ଧିତ ବିଲ ରହିଥିଲା। ଅନ୍ୟପଟେ ନୂତନ ସ୍ମାର୍ଟ ମିଟର ବସାଯାଇ ଟାଟା ବିଦ୍ୟୁତ୍ ବିଭାଗ ପକ୍ଷରୁ ସେମାନଙ୍କୁ ବିଲ ପୈଠ କରିବାକୁ ବାଧ୍ୟ କରାଯାଥିଲା। ଏତେ ଟଙ୍କା ବାନ୍ଧିବା ପାଇଁ ଯୋର ଜବରଦସ୍ତ କରାଯାଇଥିବା ବେଳେ ଉପଭୋକ୍ତା ମାନେ ଏତେ ଟଙ୍କା ବାନ୍ଧିବା ନିମନ୍ତେ ଅକ୍ଷମତା ପ୍ରକାଶ କରିଥିଲେ। ଯାହା ଫଳରେ ସେମାନଙ୍କ ଘରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ଯାହାକୁନେଇ ପ୍ରାୟ ୩୦ ପରିବାର ଗଞ୍ଜାମ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ହୋ ହାଲ୍ଲା କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସେମାନେ ଅନ୍ଧାରରେ ରହିଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ବିଦ୍ୟୁତ୍ କାର୍ଯ୍ୟାଳୟରେ ଲିଖିତ ଭାବେ ବିଲ ପୈଠ କରିବା ନେଇ ଜଣାଇଲେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଗଞ୍ଜାମ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏନେଇ ଜିଲା ପ୍ରଶାସନ ହସ୍ତକ୍ଷେପ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅଞ୍ଚବାସୀଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି।

# ରାମଗିରି ବସ୍‌ଷ୍ଟାଣ୍ଡ–ଜଗନ୍ନାଥ ମନ୍ଦିର ରାସ୍ତା କାମ ନିମ୍ନମାନର

ରାମଗିରି,୮।୩(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ରାମଗିରି ପଞ୍ଚାୟତର ବସଷ୍ଟାଣ୍ଡଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାମ ଚାଲିଛି। ରାମଗିରି ଠାରୁ ଭାୟା ରାଇସିଂ ହୋଇ ଗଞ୍ଜାମ ଯିବାପାଇଁ ଏହି ରାସ୍ତା ଦେଇ ଦୈନିକ ଶତାଧିକ ଗାଡିମୋଟର ଚଳାଚଳ କରୁଥିବା ବେଳେ ନିକଟସ୍ଥ ଅନଘା ପଞ୍ଚାୟତର ଲୋକେ ମଧ୍ୟ ଯାତାୟାତ କରୁଥିଲେ। ମାତ୍ର ଠିକାଦାରଙ୍କ କାମ ମନ୍ଥର ଗତି ଯୋଗୁ ବହୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ଅନଘା ପଞ୍ଚାୟତକୁ ସଂଲଗ୍ନ ହୋଇଥିବାରୁ ବର୍ତ୍ତମାନ ଲକ୍ଷ୍ମୀବସ୍ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଅନଘା ପଞ୍ଚାୟତର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୮୦ ମିଟର ଲମ୍ବ ୫ ମିଟର ଚଉଡା ଓ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ରାସ୍ତା କାମର ବ୍ୟୟ ଅଟକଳ ମୂଲ୍ୟ ୨୫ ଲକ୍ଷ ଟଙ୍କା ରହିଛି। କାମ ଆରମ୍ଭ କରିବା ପୂର୍ବରୁ କାର୍ଯ୍ୟର ସୂଚନା ଫଳକ ଠିକାଦାର ମାରିବା କଥା, କିନ୍ତୁ ତାହା ହୋଇନାହିଁ। ସରକାରଙ୍କ ନିୟମକୁ ଅବମାନନା କରି ଅତି ନିମ୍ନମାନର କାମ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାର ଅଶୋକ ଗୌଡ଼ ଏହି ରାସ୍ତା କାମରେ ୫ ଝୁଡି ବାଲି, ୬ ଝୁଡି ଗୋଡ଼ିରେ ୧ ବସ୍ତା ସିମେଣ୍ଟରେ ଢ଼ଳେଇ ପ୍ରସ୍ତୁତ କରି ରାସ୍ତା କାମ କରିବା କଥା। କିନ୍ତୁ ସେ ଏହି ରାସ୍ତା କାମର ଠିକାଦାର ୧ ବସ୍ତା ସିମେଣ୍ଟରେ ୮ ଝୁଡି ବାଲି ଓ ୮ ଝୁଡି ଗୋଡ଼ି ମିଶେଇ ଢଳେଇ ବ୍ୟବହାର କରୁଛନ୍ତି। ରାସ୍ତା ଉପରେ କଂକ୍ରିଟ ପଡ଼ିଲା ପରେ କାମର ଦୀର୍ଘ ସ୍ଥାୟିତ୍ୱ ପାଇଁ ଭାଇବ୍ରେଟର ମାରିବା କଥା ଅଥଚ ତାହା ମଧ୍ୟ କରାଯାଉ ନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମୁକେଶ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ, ଏମିତି ହେବା କଥା ନୁହଁ ମୁଁ ତଦନ୍ତ କରିବା ସହିତ ଠିକାଦାରଙ୍କୁ ଠିକ ଭାବରେ କାମ କରିବା ପାଇଁ ପରାମର୍ଶ ଦେବି। କାମ ନିମ୍ନମାନର ହୋଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମିଟୁ ଚୌଧୁରୀ, ଚକ୍ରପାଣି ବହାଦୁର, ଲିଙ୍ଗରାଜ ଚୌଧୁରୀ, ସତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ଦାବି କରିଛନ୍ତି।


ଚାଲୁ ରହିଥିବା ରାସ୍ତା କାର୍ଯ୍ୟ ।

# ଅଧ୍ୟାପକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ

**କୁର୍ତ୍ତାଙ୍ଗ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜ**

■ କଲେଜ ଫି ଛାଡ଼ କରିବାକୁ ଅଧକ୍ଷଙ୍କୁ ଦାବିପତ୍ର

ରଘୁନାଥପୁର,୮।୩(ରାଜେନ୍ଦ୍ର ନାରାୟଣ ସିଂହ):

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସାମୀ ଅରୂପାନନ୍ଦ ଡିଗ୍ରୀ କଲେଜରେ ଇତିହାସ ବିଭାଗର ଅଧ୍ୟାପକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଆସନ୍ତା ମେ' ମାସରେ ଯୁକ୍ତ ୩ ଶେଷ ବର୍ଷର ଫାଇନାଲ ପରୀକ୍ଷା ଥିବାବେଳେ ପାଠପଢ଼ାରେ ବ୍ୟାଘାତ ହୋଇଥିବା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ପାଠପଢା ଯାଇ ନଥିବାରୁ ଗୋଟିଏ ବର୍ଷର କଲେଜ ଫି ଛାଡ଼ କରିବାକୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଦାବିପତ୍ର କଲେଜର ଅଧକ୍ଷଙ୍କୁ ପ୍ରଦାନ କରାଯାଇଛି। ଏହାଛଡା ପରୀକ୍ଷା ପାଇଁ ଫର୍ମ ଫିଲପ କରିବାକୁ ଅନୁମତି ଦେବାପାଇଁ ଛାତ୍ରୀ ମଧୁସ୍ମିତା ମହାନ୍ତି, ସସ୍ମିତା ସେଠି, ଅର୍ଚ୍ଚନା ନାୟକ, ସସ୍ମିତା ରାଉତ ଓ ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଅଧକ୍ଷଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, କଲେଜରେ ଦୀର୍ଘଦିନ ହେବ ଓଡିଆ ଓ ଇତିହାସ ବିଭାଗର ଅଧ୍ୟାପକ ପଦବୀ ଖାଲି ପଡିଛି। ବିନା ପାରିଶ୍ରମିକରେ କେତେଜଣ ବ୍ୟକ୍ତି ସ୍ୱଇଚ୍ଛାରେ ଏଠାରେ ଶିକ୍ଷାଦାନ କରୁଥିଲେ। ୪ ମାସ ପୂର୍ବେ କଲେଜ ଗଭର୍ନିଂବଡି ପକ୍ଷରୁ ଅଧ୍ୟାପକଙ୍କ ସହ କେତେଜଣ ଶିକ୍ଷା କର୍ମଚାରୀ ରଖାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ କୌଣସି କାରଣରୁ ପ୍ରକ୍ରିୟା ବନ୍ଦ ରଖାଯିବା ପରେ ପୂର୍ବରୁ ସେଚ୍ଛାକୃତ ଭାବେ ଶିକ୍ଷାଦାନ କରୁଥିବା ବ୍ୟକ୍ତି ଆଉ କଲେଜକୁ ଆସି ନ ଥିଲେ। ଫଳରେ ପାଠପଢା ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଅଧକ୍ଷ ଦୟାନିଧି ରାଉତରାୟ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ପ୍ରସଙ୍ଗ ସ୍ୱୀକାର କରିବା ସହ ପିଲାମାନଙ୍କୁ ଫର୍ମ ଫିଲପ ପାଇଁ ଅନୁମତି ଦେଇଥିବା କହିଛନ୍ତି। ପିଲାମାନେ ଦେଇଥିବା ଅଭିଯୋଗକୁ କଲେଜର ସଭାପତି ତଥା ଉପଜିଲାପାଳଙ୍କ ନିକଟକୁ ପଠାଯିବ। ସେ ଯାହା ନିର୍ଦ୍ଦେଶ ଦେବେ ତାହା କାର୍ଯ୍ୟକାରୀ କରାଯିବ ବୋଲି ଅଧକ୍ଷ ରାଉତରାୟ ପ୍ରକାଶ କରିଛନ୍ତି।


ଛାତ୍ରୀଛାତ୍ରମାନେ କଲେଜ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସାମିଲ ହେଲେ ୩୦୦ରୁ ଊର୍ଦ୍ଧ୍ୱ ଆଦିବାସୀ କଳାକାର

**ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ 'ସର୍ଜୋମବା' ଆୟୋଜିତ**

କାଳିଆପାଣି,୮।୩: (ଅସିତ ମହାନ୍ତ):

ଆଦିବାସୀ ନୃତ୍ୟଗୀତ ଓ ବାଦ୍ୟଯନ୍ତ୍ରର ସଂରକ୍ଷଣ ତଥା ପ୍ରଚାରପ୍ରସାର ଲକ୍ଷ୍ୟ ନେଇ ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣିଠାରେ ଆଦିବାସୀ ସଙ୍ଗୀତ ମହୋତ୍ସବ 'ସର୍ଜୋମବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ନୃତ୍ୟ କଳାକାର ଓ ସଙ୍ଗୀତଜ୍ଞ ଭାଗ ନେଇଥିଲେ। ସୁକିନ୍ଦା ଖଣି ଓ ଏହାର ଆଖପାଖ ଅଞ୍ଚଳର ଭୂମିଜ, ଶବର, ହୋ ଏବଂ ସାନ୍ତାଳୀ ସମ୍ପ୍ରଦାୟର ଆଦିବାସୀ ନୃତ୍ୟ କଳାକାର ଭାଗନେଇ ସେମାନଙ୍କ ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରିଥିଲେ। ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ଘୁମୁରା, ଝୁମୁକା, କରତାଳ, ଡୁମୁଡ଼ା, ତାମକ ଓ ସାକ୍ୱା ଆଦିର ତାଳେ ତାଳେ ଝୁମି ଉଠିଥିଲେ ସମସ୍ତ ଦର୍ଶକ। କାର୍ଯ୍ୟକ୍ରମରେ ଟାଟାଷ୍ଟିଲ ଫେରୋ ଆଲଏଜ ଓ ମିନେରାଲ ଡିଭିଜନ(ଏଫଏଏମଡି)ର ଏକ୍ଜିକ୍ୟୁଟିଭ୍ ଇନଚାର୍ଜ ପଙ୍କଜ ସତିଜା ଯୋଗଦେଇ କହିଥିଲେ, ଜନଜାତି ପରମ୍ପରାର ସଂରକ୍ଷଣ ତଥା ପ୍ରଚାର ପ୍ରସାର ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। 'ସର୍ଜୋମବା' କେବଳ ଏକ ନୃତ୍ୟ ଗୀତ ମହୋତ୍ସବ ନୁହେଁ, ଆଦିବାସୀ ଭାଇଭଉଣୀଙ୍କୁ ସମ୍ମାନ ଦେବା ସହ କିପରି ସେମାନଙ୍କ ମହାନ ସଂସ୍କୃତିକୁ ଉଜ୍ଜୀବିତ କରି ସଂରକ୍ଷିତ ରହିବ ସେ ଦିଗରେ ଏକ ପ୍ରୟାସ। କାର୍ଯ୍ୟକ୍ରମ ଅବସରରେ ପାରମ୍ପରିକ ଆଦିବାସୀ ବେଶପୋଷାକ, ଅସ୍ତ୍ରଶସ୍ତ୍ର, କୃଷି ଉପକରଣ ଓ ବାସନକୁସନ ଆଦିର ପ୍ରଦର୍ଶନୀ କରାଯାଇଥିଲା। ଟାଟା ଷ୍ଟିଲ ଏଫ୍ଏଏମ୍ଡିର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ ଏଫ୍ଏଏମଡିର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ(ଖଣି ପରିଚାଳନା) ନିହାର ରଞ୍ଜନ ମିତ୍ର, ଟାଟା ଷ୍ଟିଲ କଳିଙ୍ଗନଗର ଫାଉଣ୍ଡେସନର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଓ କମ୍ପାନୀର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।


ଆଦିବାସୀ ସଙ୍ଗୀତ ମହୋତ୍ସବ 'ସର୍ଜୋମବା'ରେ ସୁକିନ୍ଦା ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ନୃତ୍ୟ କଳାକାର ଓ ସଙ୍ଗୀତଜ୍ଞ ଭାଗନେଇ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ୩ ସଭାପତି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କୁଜଙ୍ଗ ଓକିଲ ସଂଘ ନିର୍ବାଚନ**

କୁଜଙ୍ଗ, ୮।୩(ମନୋଜ ପ୍ରଧାନ):

କୁଜଙ୍ଗ ଓକିଲ ସଂଘ ନିର୍ବାଚନରେ କିଛି ବର୍ଷ ହେବ ସମସ୍ତ ପଦବୀ ନିମନ୍ତେ ସହମତି ଭିତ୍ତିରେ ଜଣେ ଲେଖାଏଁ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରୁଥିଲେ। ମାତ୍ର ଚଳିତ ନିର୍ବାଚନରେ ପ୍ରତ୍ୟେକ ପଦବୀ ନିମନ୍ତେ ଏକାଧିକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଫଳରେ ନିର୍ବାଚନ ରୋଚକପୂର୍ଣ୍ଣ ହେବ ବୋଲି ଆଲୋଚନା ହେଉଛି। ସଭାପତି ପଦବୀ ନିମନ୍ତେ ବରିଷ୍ଠ ଆଇନଜୀବୀ ଏଏନ୍‌ଡି ଯାଦବ, ବିପିନ ବିହାରୀ ପାଲୁର ଓ କରୁଣାକର ସାହୁ ମନୋନୟନ ପତ୍ର ଦାଖଲ କରିଥିବାବେଳେ ଉପସଭାପତି ନିମନ୍ତେ ୨, ସାଧାରଣ ସମ୍ପାଦକଭାବେ ସଞ୍ଜୟ ବେହେରା, ବ୍ରଜ କିଶୋର ରାଉତ, କିଶୋର କୁମାର ସ୍ୱାଇଁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ମନୋନୟନପତ୍ର ଦାଖଲ କରିଛନ୍ତି। ଆଗାମୀ ୧୩ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାବେଳେ କେଉଁ ପଦବୀ ପାଇଁ କେତେଜଣ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ଉକ୍ତ ଦିନ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

## ମାରପିଟ, ୨ ଗିରଫ

କଳିଙ୍ଗନଗର,୮।୩(ଶୁଭାଶିଷ ରାଉତ): ଦାନଗଦି ଫାଣ୍ଡି ଥାନା ଅନ୍ତର୍ଗତ ଗୋଡ଼ିଗୋଠଗ୍ରାମରେ ଘରୋଇ ପୋଖରୀରୁ ପାଣି ନେବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏଥିରେ ଦୁଇ ଗୋଷ୍ଠୀର ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ଉପେନ୍ଦ୍ର ନାରାୟଣ ସିଂ ଜେନା( ୫୨) ଓ ମାନବେନ୍ଦ୍ର ନାରାୟଣ ଜେନା(୪୨)। ଏନେଇ ଥାନାରେ ନଂ.୧୩୦/୨୫ରେ ମାମଲା ରୁଜୁ ହୋଇଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅରବିନ୍ଦ


@ ଚିନ୍ମୟୀ


@ ମୃତ୍ୟୁଞ୍ଜୟ


@ ପିଙ୍କିନା


@ ଶୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିସା ଷ୍ଟିଲ୍‌ରେ ବିପିଏନ୍‌ଏସ୍‌ଆଇ ପକ୍ଷରୁ କର୍ମଶାଳା

କଳିଙ୍ଗନଗର,୮।୩ (ଶୁଭାଶିଷ ରାଉତ)

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ) ପକ୍ଷରୁ ଚାରି ଦିନିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଶନିବାର କଳିଙ୍ଗନଗର ଭିସା ଷ୍ଟିଲ ଲିମିଟେଡ୍ କାରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ପୋରେଟ ସୀମାନ୍ତ ମହାନ୍ତି ବୃତ୍ତିଗତ ଭାବପ୍ରବଣ ବୁଦ୍ଧିମତ୍ତା ସହିତ ଆଗକୁ ବଢ଼ିବା ବିଷୟରେ ଆଲୋକପାତ କରିଥିଲେ। ଅପରାହ୍ନ ଅଧିବେଶନରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଟ୍ରାଞ୍ଜାକ୍ସନାଲ ଆନାଲିସିସ୍ ଉପରେ ଧାରଣା ଦେଇଥିଲେ । ଶେଷ ଅଧିବେଶନରେ, ଭିସା ଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ଅଞ୍ଚଳବାସୀଙ୍କ ଶିକ୍ଷଣ ଏବଂ ବିକାଶ ପ୍ରକ୍ରିୟା ପ୍ରତି କମ୍ପାନୀ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏଚ୍‌ଆର୍ ଜିଏମ୍ ସନ୍ଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭିସା ଷ୍ଟିଲ୍‌ରୁ ପାୟଲ ଶର୍ମା ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନରୁ ସତ୍ୟପ୍ରିୟ ଶତପଥୀ ଓ ଅଭୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

# ଅଳିଆଗଦାରେ ନିଆଁ

■ ଅଣନିଃଶ୍ୱାସୀ ପୌରାଞ୍ଚଳବାସୀ

■ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ପଟ୍ଟାମୁଣ୍ଡାଇ,୮।୩(କଳ୍ପତରୁ ନାୟକ):

ସହରରେ ସୁସ୍ଥ ପରିବେଶ ସୃଷ୍ଟି କରିବା ପୌରସଂସ୍ଥାର ଦାୟିତ୍ୱ । ହେଲେ ପଟ୍ଟାମୁଣ୍ଡାଇ ପୌରାପାଳିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦିନକୁ ଦିନ ପରିମଳ ବ୍ୟବସ୍ଥା ଭୁଶୁଡି ପଡିଛି । ଜଳ, ବାୟୁ ପ୍ରଦୂଷଣ ବୃଦ୍ଧି ପାଇଛି। ଅଳିଆଗଦା ନିଆଁ ଓ ଧୂଆଁରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ପୌରାଞ୍ଚଳବାସୀ।

ସୂଚନାଅନୁଯାୟୀ, ଶନିବାର ମଧ୍ୟାହ୍ନରେ ଏମ୍‌ଏନ୍ ହାଇସ୍କୁଲ ପାଖ ଆଳିଆଗଦାରେ ପୌରକର୍ମଚାରୀ ନିଆଁ ଲଗାଇଦେଇଥିଲେ । ଫଳରେ ଶୁଖିଲା ଅଳିଆ ଜଳିଥିଲା । ପବନର ବହିବାରୁ ତାହା ତୀବ୍ର ବେଗରେ ବ୍ୟାପୀ ପୋଖରିଆପଡା ଗ୍ରାମର ନିହାର ରଞ୍ଜନ କରଙ୍କ ବାଡ଼ି ପର୍ଯ୍ୟନ୍ତ ମାଡ଼ି ଚାଲିଥିଲା । ସେହି ଅଞ୍ଚଳର ଲୋକମାନେ ନିଆଁ,ଧୂଆଁରେ ଅତିଷ୍ଠ ହୋଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସେମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପୌରସଂସ୍ଥାରେ ଏବେ ଠିକା କର୍ମଚାରୀଙ୍କ ମନମାନି ଚାଲିଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପକାଯିବା ସହିତ ସ୍ଥାନାନ୍ତର ନ କରି ପୋଡ଼ି ଦିଆଯାଉଛି। ଫଳରେ ସେହି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି । ଗତ ୮ଦିନ ତଳେ ପୌର କାର୍ଯ୍ୟାଳୟର ଶହେ ଫୁଟ ଦୂରରେ ଥିବା ଏଲଆଇସି ଅଫିସ ତଳେ ଗଦା ହୋଇଥିବା ଅଳିଆରେ ନିଆଁ ଲଗାଯାଇଥିଲା । ଏଥିପାଇଁ ସହର ଧୂଆଁମୟ ହୋଇଯାଇଥିଲା । ଏ ସଂକ୍ରାନ୍ତରେ ପୌରପରିଷଦ ଅଧିକାରୀ ଅବଗତ ଥିଲେ। ପୌରପାଳିକାର ଏପରି ଆଭିମୁଖ୍ୟକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ପୌରପାଳିକା କେବଳ ଆପରାଧିକ ଅବହେଳା କରୁନାହିଁ, ବରଂ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତାଗିଦ୍‌କୁ ବେଖାତିର କରୁଛି ବୋଲି ମତ ପ୍ରକାଶ ପାଇଛି।

ରମେଶ ଦେ, ନିମାଇଁ ସାହୁ, ନିହାର କର ପ୍ରମୁଖ କୁହନ୍ତି, ପୌଞ୍ଚଳରେ ପଡିଥିବା ଅଳିଆକୁ ବାହାରେ ନିଆଁ ଲଗାଇ ଜାଳିବା ଆଇନ ଅନୁଯାୟୀ ନିଷିଦ୍ଧ ବୋଲି ସହରର କାନ୍ଥବାଡରେ ଲେଖାହୋଇଛି। ମାତ୍ର ପ୍ରତିଦିନ ସକାଳେ ସହର ଧୂଆଁମୟ କରାଯାଉଛି। ପଲିଥିନ ପୋଡା ଗନ୍ଧ ଓ ଧୂଆଁ ଯୋଗୁ ପ୍ରାତଃଭ୍ରମଣରେ ଯାଉଥିବା ଲୋକେ କଷ୍ଟ ଅନୁଭବ କରୁଛନ୍ତି । ସଫେଇ କର୍ମଚାରୀମାନେ ପଲିଥିନ ଓ ଅଳିଆରେ ନିଆଁ ଲଗାଇ ଦେଉଥିବାରୁ ସହରରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହା ନିତିଦିନିଆ ଘଟଣା ହୋଇଥିଲେ ମଧ ଏଥିପ୍ରତି ପୌର ଅଧିକାରୀ କିମ୍ବା ଜିଲା ପ୍ରଶାସନର ଦୃଷ୍ଟି ନାହିଁ। ସାମାଜିକ କର୍ମୀ ପ୍ରେମାନନ୍ଦ ପଣ୍ଡା କୁହନ୍ତି ସହରରୁ ସଂଗୃହୀତ ଅଳିଆକୁ ସହର ଉପକଣ୍ଠ ମାଟିଆ ନିକଟରେ ଥିବା ସ୍ୱତନ୍ତ୍ର ଆବଦ୍ଧ ଅଞ୍ଚଳରେ ପକାଯିବା ପାଇଁ ଯୋଜନା ହୋଇଛି। ଅଳିଆଗୁଡିକୁ ପ୍ରକ୍ରିୟାକରଣ ପରେ ଖତ ପ୍ରସ୍ତୁତ ହୋଇଥାଏ। ସେହିଭଳି ସଂଗୃହୀତ ପ୍ଲାଷ୍ଟିକ୍‌ଗୁଡିକୁ ପ୍ରେସ କରି ପ୍ଲାଣ୍ଟକୁ ପଠାଯିବା ନିୟମ ରହିଛି। ମାତ୍ର ସରକାରୀ ନିୟମକୁ ଠିକ୍ ଭାବେ ଅନୁପାଳନ କରାଯାଉନି। ସହରରୁ ସଂଗୃହୀତ ସବୁ ପ୍ଲାଷ୍ଟିକ୍ ଓ ଅଳିଆକୁ ଟ୍ରାକ୍ଟରରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ନିଆଯାଉନି। ବସ୍‌ଷ୍ଟାଣ୍ଡ, ଇଲେକ୍ଟ୍ରିକ ଅଫିସ ପାଖ କେନାଲ, ବିଜୁ ପଟ୍ଟନାୟକ ଛକ, ଯଜ୍ଞ ପଡ଼ିଆ ଓ ଏମଏନ ହାଇସ୍କୁଲ ପାଖଗଳିରେ ପଲିଥିନ ଓ ଅଳିଆଗୁଡିକୁ ସକାଳେ ଠୁଳ କରି ନିଆଁ ଲଗାଇ ଦିଆଯାଉଛି । ବାକି ଅଳିଆକୁ ଝାଡୁ ମାରି ରାସ୍ତାପାର୍ଶ୍ୱ ଡ୍ରେନ୍‌ରେ ପକାଯାଉଛି। ବର୍ଜ୍ୟବସ୍ତୁ ପରିବହନ ଜନିତ ଖର୍ଚ୍ଚ କମ୍ କରିବା ପାଇଁ ଠିକା ସଂସ୍ଥା ପକ୍ଷରୁ ଏଭଳି କରାଯାଉଥିବା ଅଭିଯୋଗ ହେଉଛି। ଯୁବନେତା ସତ୍ୟପ୍ରିୟ ସାମଲ କୁହନ୍ତି ମାସକୁ ମାସ ଟଙ୍କା ନେଉଛି ଠିକା ସଂସ୍ଥା। କିନ୍ତୁ ଠିକ୍ ଭାବେ ସଫେଇ କରାଯାଉନି । ଫଳରେ ସହରରୁ ହଟୁନି ଅଳିଆ। ଚାରିଆଡ଼େ ଗଦା ଗଦା ଆବର୍ଜନା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି ସହରବାସୀ। ପ୍ରଶାସନକୁ ଏ ସଂକ୍ରାନ୍ତରେ ଅବଗତ କରିଲେ ମଧ୍ୟ ସମାଧାନ ଦିଗରେ ପଦକ୍ଷେପ ନିଆ ନ ଯାଇ ଅନୁକମ୍ପା ପ୍ରଦର୍ଶନ କରାଯାଉଛି।

ଏ ସଂକ୍ରାନ୍ତରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଯୋଗଯୋଗ କରାଯାଇଥିଲା । ସେ କହିଛନ୍ତି ଅଳିଆଗଦାରେ ନିଆଁ ଲଗାଇ ପ୍ରଦୂଷଣ ସୃଷ୍ଟି କରାଯିବା ଠିକ୍ ନୁହେଁ। ଏ ସଂକ୍ରାନ୍ତରେ ମୁଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିବି।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ଚାଷୀଙ୍କୁ ଦୋଷ ଲଦି ତ୍ରୁଟି ଲୁଚାଇଲେ ଅଧିକାରୀ

- ଜିଲା ପରିଷଦ ବୈଠକରେ ଉଠିଥିଲା ପ୍ରଶ୍ନ
- ଜମିରେ ମାଡୁନି ପାଣି, ଉପକୃତ ହେଉନାହାନ୍ତି ଚାଷୀ
- ଉପରେ ଚାଷ ଜମି,ତଳେ ଚେକ୍‌ଡ୍ୟାମ ପ୍ରସଙ୍ଗ

ନୟାଗଡ଼,୮।୩(ଲୋକନାଥ ମିଶ୍ର)

ଉପରେ ଚାଷ ଜମି, ତଳେ ଚେକ୍‌ଡ୍ୟାମ ନିର୍ମାଣକୁ ନେଇ ନୟାଗଡ଼ ଜିଲା ପରିଷଦ ବୈଠକରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା । କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଚାଷୀଙ୍କୁ ଦୋଷ ଦେଇ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦେଇଛନ୍ତି । ଚେକ୍‌ଡ୍ୟାମ ନିର୍ମାଣ ପ୍ରସଙ୍ଗରେ ଅଧୀକ୍ଷଣ ଯନ୍ତ୍ରୀ ସତ କହୁଛନ୍ତି ନାଁ ଜିଲା ପରିଷଦ ସଭ୍ୟ ସତ କହୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି । ଏଭଳି ଏକ ପ୍ରସଙ୍ଗ ଜିଲା ପରିଷଦ ବୈଠକରେ ପୁଣି ଆଲୋଚନାରେ ସ୍ଥାନ ପାଉଛି ନାଁ ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲି ଯାଉଛି ସେ ନେଇ ଚାଷୀମାନେ ଅପେକ୍ଷା କରି ରହିଛନ୍ତି । ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତରେ ଏଭଳି ୩ ଚେକ୍‌ଡ୍ୟାମ ରହିଥିବା ଅଭିଯୋଗ ରହିଛି ।

ଗତ ସେପ୍ଟେମ୍ବର ୨୪ ଜିଲା ପରିଷଦ ବୈଠକରେ ଦଶପଲ୍ଲା ବ୍ଲକର ବନଗିରି, ଗୁରୁହା ଓ ଯାମୁସାହିରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ ପ୍ରସଙ୍ଗ ଉଠିଥିଲା। ଚେକ୍‌ଡ୍ୟାମ ତଳେ ରହିଥିବାବେଳେ ଉପରେ ଚାଷଜମି ଥିବାରୁ ଜମିରେ ପାଣି ମାଡୁ ନ ଥିବା ପ୍ରସଙ୍ଗ ଉଠାଇ ସଭ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସଭ୍ୟଙ୍କ ଅସନ୍ତୋଷକୁ ନେଇ ଜିଲା ପରିଷଦ ସଭାପତି ଓ ଜିଲାପାଳ ଏହାର ଉତ୍ତର ରଖିବାକୁ କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ପଟ୍ଟନାୟକଙ୍କଠାରୁ ମିଳିଥିବା ଉତ୍ତରରୁ ଜଣାପଡ଼ିଛି ଚାଷୀଙ୍କ ଅନୁରୋଧ ଓ ପରାମର୍ଶ କ୍ରମେ ବନଗିରି, ଗୁରୁହା ଓ ଯାମୁସାହିରେ ଥିବା ନାଳରେ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲା । ଉପରୋକ୍ତ ସ୍ଥାନରେ ଚାଷୀମାନେ ପୂର୍ବରୁ ଅସ୍ଥାୟୀ ମାଟି ବନ୍ଧ ନିର୍ମାଣ କରି ନାଳ ଭିତର ସଂରକ୍ଷଣ ପାଣିକୁ ପାଣିପମ୍ପ ଓ ଅନ୍ୟ ଉପାୟରେ ଜମିରେ ମଡାଉଥିଲେ । ସରକାରଙ୍କ ନିୟମ ଅନୁସାରେ ଚେକ୍‌ଡ୍ୟାମଗୁଡ଼ିକରେ ବର୍ଷାଋତୁ ପରେ ନାଳରେ ପ୍ରବାହିତ ଜଳକୁ ନାଳ ଭିତରେ ସଂରକ୍ଷଣ କରି ରଖାଯାଇଥାଏ। ସେହି ଜଳକୁ ନାଳପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକୁ ପାନୀୟ ଜଳ ରୂପେ ଯୋଗାଇବା, ଭୂତଳ ଜଳର ପୁନରୁଦ୍ଧାର କରିବା, ସଂରକ୍ଷିତ ଜଳକୁ ଖରିଫ,ରବି ଋତୁରେ ପମ୍ପ ଓ ଅନ୍ୟ ଉପାୟରେ ଉଠାଇ ଜଳସେଚନ କରାଯାଇଥାଏ । ଚେକ୍‌ଡ୍ୟାମ ନିର୍ମାଣରେ ଭୂମି ଅଧିଗ୍ରହଣର ବ୍ୟବସ୍ଥା ନ ଥିବାରୁ ଏଗୁଡ଼ିକର ଉଚ୍ଚତା ପାର୍ଶ୍ୱ ମାଟିବନ୍ଧର ଉଚ୍ଚତା ଅନୁସାରେ ସ୍ଥିର କରାଯାଇଥାଏ। ଚେକ୍‌ଡ୍ୟାମଗୁଡ଼ିକରୁ ସବୁ ସ୍ଥାନରେ ସିଧାସଳଖ ପାଖ ଜମିକୁ ଜଳସେଚନ କରିବା ସମ୍ଭବ ପର ନ ଥାଏ ବୋଲି ଦର୍ଶାଇଛନ୍ତି । ଏନେଇ ଜିଲାପାଳ ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନିଙ୍କୁ ପଚାରିବାରୁ କହିଥିଲେ କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ । ଚେକ୍‌ଡ୍ୟାମ ସମ୍ପର୍କରେ ଆଲୋଚନା କରିବାକୁ ସମୟ ମିଳିଲା ନାହିଁ । ପୁଣିଥରେ ସଂପୃକ୍ତ ପ୍ରସଙ୍ଗ ଗୃହରେ ଉଠିବ । ବନଗିରି, ଗୁରୁହା ଓ ଯାମୁସାହିରେ ଚେକ୍‌ଡ୍ୟାମରୁ ଚାଷୀ ଉପକୃତ ହେଉ ନାହାନ୍ତି ।

ଘଟଣା ସମ୍ପର୍କରେ ଚାଷୀ ସୁଦାମ ଜାନି ଓ ବିକାଶ ଜାନି କୁହନ୍ତି, କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୌଣସି ଚାଷୀଙ୍କୁ ପଚରାଯାଇ ଚେକ୍‌ଡ୍ୟାମ ନିର୍ମାଣ କରାଯାଇନି । ବରଂ ଚେକ୍‌ଡ୍ୟାମ ନିର୍ମାଣ ସମୟରେ ଜମିରେ ପାଣି ମାଡିବ ନାହିଁ ଦର୍ଶାଇ ବିରୋଧ କରାଯାଇଥିଲା । ଚାଷୀଙ୍କ ଅଭିଯୋଗକୁ ଅଣଦେଖା କରି ଚେକ୍‌ଡ୍ୟାମ ନିର୍ମାଣ କରାଯାଇଥିଲା । ଚାଷୀକୁ ଦୋଷ ଦେଇ ବିଭାଗ ଯେଉଁ ଖସି ଯିବାକୁ ଉଦ୍ୟମ କରୁଛି ତାହା ଠିକ୍ ନୁହେଁ । ଜିଲା ପରିଷଦ ପକ୍ଷରୁ ଏକ କମିଟି ଗଠନ କରାଯାଇ ଚେକ୍‌ଡ୍ୟାମ ନିର୍ମାଣର ତଦନ୍ତ, ଚାଷୀଙ୍କ ମତାମତ ନିଆଯାଉ । ପ୍ରକୃତ ସତ ପଦାକୁ ଆସିବ । କେତେକ ଅଣଚାଷୀଙ୍କୁ ଧରି ଚେକ୍‌ଡ୍ୟାମ ନିର୍ମାଣ କରାଯାଇ ସରକାରୀ ଅନୁଦାନକୁ ହଡପ କରାଯାଇଛି କହି ସେ କ୍ଷୋଭ ପ୍ରକାଶ କରିଥିଲେ । ଚେକ୍‌ଡ୍ୟାମ ନିର୍ମାଣ ପରେ ଚାଷୀଙ୍କ ବେଶୀ ଅସୁବିଧା ହେଉଛି ବୋଲି ମତ ପ୍ରକାଶ ପାଇଛି ।

## ସଂକ୍ଷେପରେ

### ମଦ ଜବତ ଜଣେ ଗିରଫ

ଖଣ୍ଡପଡ଼ା,୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ କର୍ମଚାରୀମାନେ ଫତେଗଡ଼ ଥାନା ଅଧୀନ ଭଗବାନପୁର ଗ୍ରାମରେ ଶୁକ୍ରବାର ଅଚାନକ ଚଢାଉ କରିଥିଲେ। ଚଢାଉ ସମୟରେ ଭଗବାନପୁର ଗ୍ରାମର ରବିନ୍ଦ୍ର କୁମାର ପ୍ରଧାନ(୪୭)ଙ୍କ ଘରୁ କର୍ମଚାରୀମାନେ ୩୨ ଲିଟର ବିଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖଣ୍ଡପଡ଼ା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ମିତାରାଣୀ ନାୟକ ପ୍ରମୁଖ କର୍ମଚାରୀମାନେ ଚଢାଉ ଅଭିଯାନରେ ସାମିଲ୍ ହୋଇଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଖଣ୍ଡପଡ଼ା ଅବକାରୀ ଥାନା ସୂତ୍ରରୁ ପ୍ରକାଶ।

### ଖବରଦାତାଙ୍କ ବିୟୋଗରେ ସ୍ମୃତିସଭା

ଖଣ୍ଡପଡ଼ା,୮।୩(ଅଜୟ କୁମାର ମହାରଣା)

ରାଜ୍ୟ ସାମ୍ବାଦିକ ସଂଘର ଜଣେ ବରିଷ୍ଠ ସଦସ୍ୟ ସ୍ୱର୍ଗତ ନୀଳମଣୀ ସାହୁଙ୍କ ବିୟୋଗରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସଂଘର ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖବରଦାତା ଶାନ୍ତି ଶେଖର ରଥ, ରବିନ୍ଦ୍ର ବେହେରା, ଭବାନୀ ମହାନ୍ତି, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମାନସ କୁମାର ସେଠୀ, ମନୋରଞ୍ଜନ ରଥ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ।

### ୩ ବଜୁରି ବୋଝେଇ ଟ୍ରକ୍ ଜବତ

ନୟାଗଡ଼,୮।୩(ଲୋକନାଥ ମିଶ୍ର)

ବେଆଇନ ଭାବେ ଚାଲାଣ ହେଉଥିବା ୩ଟି ବଜୁରୀ ବୋଝେଇ ଟ୍ରକକୁ ନୟାଗଡ଼ ସଦର ଥାନା ପୋଲିସ ଜବତ କରିଛି । ଏହି ଘଟଣାରେ ୩ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ୩ ଡ୍ରାଇଭର ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆ ଯାଇଛି । ଓଡି୦୨ ସି ଟି ୭୧୮୬, ଓଡି୨୫ ଇ ୯୪୪୨, ଓଡି୩୩-୭- ୩୩୦୬ ନଂର ଟ୍ରକ ଯୋଗେ ଖଣ୍ଡପଡ଼ାର ଦହିଖାଇ କ୍ରଶରରୁ ବଜୁରୀ ଆସୁଥିଲା । ଦହିଖାଇ କ୍ରଶର ବେଆଇନ ଭାବେ ଚାଲୁଥିବାବେଳେ ୩ଟି ଟ୍ରକକୁ ଜବତ କରାଯାଇଛି ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଖଣ୍ଡପଡ଼ା,୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବୋଦସା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବରାଜ ସ୍ୱାଇଁଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୧୩ ବର୍ଷ ହୋଇଥିଲା । ସେ ୩୦ ବର୍ଷ ଧରି ସେ ବୋଦସା ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ବୋଦସା ପଞ୍ଚାୟତରେ ଅନେକ ଲୋକହିତକର କାର୍ଯ୍ୟ ହୋଇଥିଲା । ରାଜ୍ୟ ଯୁବମୋର୍ଚ୍ଚା ଭାଜପା ସଭାପତି ଅଭିଳାଷ ପଣ୍ଡା, ସଙ୍ଗଠକ ଜିତେନ୍ଦ୍ର କୁମାର କାଟିଆ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

## ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ



ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଅତିଥି ଓ ଛାତ୍ରୀମାନେ ।

ଖଣ୍ଡପଡ଼ା,୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଯୁଥ ରେଡ଼କ୍ରସ ଯୁକ୍ତ ୨ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧକ୍ଷା ସ୍ମିତା ଶେଫାଳି ମହାପାତ୍ର ଅଧକ୍ଷତା କରିଥିବା ବେଳେ ରେଡ଼କ୍ରସ ଶାଖା ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନଙ୍କ ମଧ୍ୟରୁ ଗାୟତ୍ରୀ କୋଠାଳ ଓ ସୀମା ରଥ ଅନ୍ତର୍ଜାତୀୟ ମହିଳା ଦିବସ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ ।

ସେହିଭଳି ଖଣ୍ଡପଡ଼ା ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିଭିଲ କୋର୍ଟ ପରିସରରେ ଶନିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଖଣ୍ଡପଡ଼ା ଓକିଲ ସଂଘର ସମ୍ପାଦକ ବିକ୍ରମ କେଶରୀ ଦେଓଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ ଆଇନସେବା କମିଟିର ସଭାପତି ତଥା ବରିଷ୍ଠ ଦେୱାନୀ ଜଜ୍ ବିଭୂତି ଭୂଷଣ ନାୟକ, ଖଣ୍ଡପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାସ, ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର କୁମାର ନାୟକ, ଯୁଧିଷ୍ଠିର ସାହୁ, ସିଦ୍ଧାର୍ଥ ଶଙ୍କର ରାୟ, ଅରୁଣ ଦାସ ପ୍ରମୁଖ ଯୋଗଦେଇ ମହିଳା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାଛଡା ସମାଜର ପ୍ରତ୍ୟେକସ୍ତରରେ ନିର୍ଯାତିତ ହେଉଥିବା ମହିଳାମାନଙ୍କୁ ଆଇନରେ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ସଚେତନ କରିବା, ମହିଳାମାନଙ୍କୁ ପ୍ରତିକ୍ଷେତ୍ରରେ ସୁରକ୍ଷା ଯୋଗାଇଦେବା, କନ୍ୟା ସନ୍ତାନମାନଙ୍କୁ ଅଣଦେଖା ନ କରି ସେମାନଙ୍କ ଯତ୍ନନେବା ନିମନ୍ତେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାଜିଷ୍ଟ୍ରେଟ ଓ ଉପସ୍ଥିତ ମହିଳା କର୍ମଚାରୀମାନେ କେକ୍ କାଟିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଦାଲତମାନଙ୍କର କର୍ମଚାରୀ ଓ ବହୁ ମହିଳା ଯୋଗଦାନ କରିଥିଲେ । ଏ ଅବସରରେ ଉଭୟ ଅଦାଲତରେ ଜାତୀୟ ଲୋକ ଅଦାଲତ ପାଳନ କରାଯାଇଛି ।

## ସ୍କୁଲର ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟିତ

ନୟାଗଡ଼,୮।୩(ଲୋକନାଥ ମିଶ୍ର)

ଭାପୁର ବ୍ଲକ କରବର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକୀ ଉତ୍ସବ ଶନିବାର ଉଦଘାଟନ ହୋଇଛି। ଏହାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି । ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟବକ୍ତାରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ, ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ପଣ୍ଡା, ସରପଞ୍ଚ ଉଷାରାଣୀ ସାହୁ, ସମିତି ସଭ୍ୟ ତପନ ମହାପାତ୍ର, ଖଣ୍ଡପଡା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ମୋ ସ୍କୁଲ କମିଟିର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଚୌଧୁରୀ, ପୁରାତନ ଛାତ୍ର ଯୋଗିନାଥ ସାହୁ ଓ ମହେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ନୀଳମଣି ସାହୁ ବିବରଣୀ ପଠନ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ସ୍ମରଣିକା ଆଦ୍ୟଭୂମି ଲୋକାର୍ପଣ ହୋଇଛି । ଶେଷରେ ନ ପାହୁ ରାତି ନ ମରୁ ପତି ଗୀତିନାଟ୍ୟ ଓ ସଂସ୍କୃତିକ ଆସର ଲାଗି ରହିଥିଲା ।

## ପୂର୍ବତନ ବିଆରସିସିଙ୍କ ପରଲୋକ

ନୟାଗଡ଼,୮।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ପୂର୍ବତନ ବିଆରସିସି(ମଣ୍ଡଳ ସାଧନ ସଂଯୋଜକ) ଭିକାରୀ ବେହେରା(୭୨)ଙ୍କର ଶନିବାର ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି । ବେହେରାଙ୍କ ଘର ନୟାଗଡ ବ୍ଲକର ଲାଠିପଡା ଗାଁରେ । ଅବସର ପରେ ସେ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ । ଅନ୍ୟପକ୍ଷେ ଲାଠିପଡାର ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା ଦାୟିତ୍ୱରେ ଥିଲେ ।

## ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ରଣପୁର,୮।୩(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଏନ୍‌ଏସିସ୍ଥିତ ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ପିଏମ୍‌ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାକୁ ନେଇ ଶୁକ୍ରବାର ସ୍ଥାନୀୟ ନେତୃବୃନ୍ଦଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପୁରୀ ଏମ୍‌ପି ଡ.ସମ୍ବିତ୍ ପାତ୍ର, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ଭାଜପା ଜିଲା ସଭାପତି ତାପସ କୁମାର ମାର୍ଥା, ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ ପ୍ରହରାଜ, ଶିକ୍ଷାବିତ୍ ବିରଞ୍ଚି ନାରାୟଣ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ସଭାପତି ରଙ୍ଗନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହାପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ପିଲାମାନଙ୍କୁ ପିଏମ୍‌ଶ୍ରୀ ଯୋଜନାର ଉପକାରିତା ସମ୍ପର୍କରେ କହିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ କାଠ ପଠାଗଲା


ଭୁବନେଶ୍ୱରକୁ ପଠାଯାଇଥିବା କାଠ ।

ଖଣ୍ଡପଡ଼ା,୮।୩(ଅଜୟ କୁମାର ମହାରଣା)

ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପ୍ରତିବର୍ଷ ପରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ଏ ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ ପାଇଁ ଖଣ୍ଡପଡ଼ାରେ ଶନିବାର କାଠ ଅନୁକୂଳ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବନାଞ୍ଚଳ ପକ୍ଷରୁ ଶନିବାର ସନ୍ଧ୍ୟାରେ ୯ଖଣ୍ଡ ଆମ୍ବକାଠ ଗଣ୍ଡି ଭୁବନେଶ୍ୱର ପଠାଯାଇଛି । ଖଣ୍ଡପଡା ସହରର ୧୨ନଂ ୱାର୍ଡରୁ ୨ ଗୋଟି ଓ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ଗୋଟିଏ ଏହିପରି ୩ ଆମ୍ବଗଛ ବନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇ କଟା ଯିବା ପରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କାଠଗଣ୍ଡି ଗୁଡ଼ିକୁ ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ବରିଷ୍ଠ ଅଧିକାରୀ ହେମନ୍ତ ମହାପାତ୍ର, ବନପାଳ ସନାତନ ସ୍ୱାଇଁ, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ସମେତ ବନବିଭାଗ କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ମଣିନାଗରେ ରୋପୱ୍ୱେ ବ୍ୟବସ୍ଥା ହେବ: ବାଚସ୍ପତି

### ରଣପୁରରେ ମହିଳା ଦିବସ ମହାସମାରୋହ

ରଣପୁର,୮।୩(ସୁକାନ୍ତ କିଶୋର ଡାକୁଆ)


ମହିଳା ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ।

ରଣପୁର ଏନଏସି ତରଫରୁ ମଣିନାଗସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏନଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ବିଶିଷ୍ଟ ଲେଖିକା ବୀଣାପାଣି ମିଶ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲକ୍ଷ୍ମୀ ପ୍ରତିମା ଶତପଥୀ, ଶରତ କୁମାରୀ ଦେବୀ,ପୂର୍ବତନ ଏନଏସି ଅଧ୍ୟକ୍ଷା ସବିତା ଦାସ, କାଉନସିଲର ସୋନାଲି ପ୍ରଧାନ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ମମତା ପ୍ରଧାନ, କଲ୍ୟାଣୀ ପ୍ରଧାନ ଓ ସିନେତାରକା ଝୁକି ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇ ମହିଳା ଦିବସ ସମ୍ପର୍କରେ ସମ୍ପର୍କ ରେ ମତବ୍ୟକ୍ତ କରିଥିଲେ ।

ରଣପୁର ମାଟିର ମହିୟସୀ ମହିଳା ତଥା ରାଜମାତା ସ୍ୱର୍ଗତ ବସନ୍ତ ମଞ୍ଜରୀ ଦେବୀ ଓଡିଶା ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ତୁଲାଇ ରାଜ୍ୟରେ ଖ୍ୟାତି ଅର୍ଜନ କରିଥିଲେ । ରଣପୁର ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଛି ଯାହାକୁ ସମଗ୍ର ରଣପୁରବାସୀଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିଛି ବୋଲି ବକ୍ତାମାନେ କହିଥିଲେ । ଖୁବ୍‌ଶୀଘ୍ର ମଣିନାଗରେ ରୋପୱ୍ୱେର ବ୍ୟବସ୍ଥା ସହ ଉପରମଣିନାଗ ରାସ୍ତାକୁ ସୁଦୃଢ଼ କରାଯିବ । ଅସୁର କୁମାରୀ ଓ ଗୁମ୍ଫାର ମଧ୍ୟ ବିକାଶ କରାଯିବା ବୋଲି ବାଚସ୍ପତି ମତବ୍ୟକ୍ତ କରିଥିଲେ। ଶେଷରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ଅମ୍ରିତା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅରବିନ୍ଦ


@ ଚିନ୍ମୟୀ


@ ମୃତ୍ୟୁଞ୍ଜୟ


@ ପିଙ୍କିନା


@ ଶୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

